# ଆଜି ନନ୍ଦିନୀ ଶତପଥୀ ସ୍ମୃତି ଆଲୋଚନାଚକ୍ର


ସ୍ଥିତପ୍ରଜ୍ଞା ତ୍ରିପାଠୀ


ଡ. ପୁଣ୍ୟତୋୟା ବିଶ୍ୱାଳ


ଡ. ଘାସିରାମ ମିଶ୍ର


ଭବାନୀ ଶଙ୍କର ଶତପଥୀ


ମନୋରଞ୍ଜନ ସାହୁ


ତ୍ରିପୁରାରୀ ପାଣିଗ୍ରାହୀ

**ବଲାଙ୍ଗୀର ଅଫିସ, ୮।୬:** ଦୈନିକ ଧରିତ୍ରୀ ସମ୍ବଲପୁର ଛାପାର ୧୭ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ ଅବସରରେ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଗୁରୁବାର ଅପରାହ୍ଣ ୫ଟାରେ ନନ୍ଦିନୀ ଶତପଥୀ ସ୍ମୃତି ଆଲୋଚନାଚକ୍ର ଅନୁଷ୍ଠିତ ହେବ। 'ଦରଦାମ ବୃଦ୍ଧି: ସରକାର ଅସହାୟ କାହିଁକି' ବିଷୟକୁ ନେଇ ଆୟୋଜିତ ଆଲୋଚନାଚକ୍ରରେ ପ୍ରତିଭାବାନ କଲେଜ ଛାତ୍ରୀ ସ୍ଥିତପ୍ରଜ୍ଞା ତ୍ରିପାଠୀ, ଜେଆଇଟିଏମ୍ କଲେଜର ଅର୍ଥନୀତି ବିଭାଗ ଆସୋସିଏଟ୍ ପ୍ରଫେସର ପୁଣ୍ୟତୋୟା ବିଶ୍ୱାଳ, ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ର, ବରିଷ୍ଠ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଏବଂ ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ଆଲୋଚକ ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଆଲୋଚନାଚକ୍ର ପାଇଁ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ବଲାଙ୍ଗୀର ଜିଲା ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପାଠକ ଓ ଜନସାଧାରଣ ଯୋଗଦେବାକୁ ଅନୁରୋଧ କରାଯାଇଛି।

- **ପାଳନ ହେବ ଧରିତ୍ରୀ ସମ୍ବଲପୁର ଛାପାର ୧୭ବର୍ଷ ପୂର୍ତ୍ତି ଉତ୍ସବ**
- **'ଦରଦାମ ବୃଦ୍ଧି: ସରକାର ଅସହାୟ କାହିଁକି' ଶୀର୍ଷକ ଆଲୋଚନାଚକ୍ର**

# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କରି ଭାଇରାଲ, ୫ ଗିରଫ

**ଲାଞ୍ଜିଗଡ଼,୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କରି ଭାଇରାଲ କରିବା ଅଭିଯୋଗରେ ୫ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ୫ଜଣ ହେଲେ ଗଞ୍ଜାମ ଜିଲା ଖଜୁରୀପଦର ଗାଁର ରଞ୍ଜିତ ଜାନି, ରାୟଗଡ଼ା ଜିଲା କଲ୍ୟାଣ ସିଂହପୁର ନିକଟସ୍ଥ ଦଣ୍ଡିସାହିର କୈଳାସ କୌଶଲ୍ୟା, ଅମ୍ବାଦଳାର ନିରାକାର ନିରଞ୍ଜନ ଗଉଡ଼ଙ୍କ ସମେତ ଲାଞ୍ଜିଗଡ଼ ଥାନା ବସନ୍ତପଡ଼ାର ମଧୁସୂଦନ ଗଉଡ଼ ଓ ଦିଲୀପ ଗଉଡ଼। ଏହି ଥାନାଞ୍ଚଳର ଜଣେ ନାବାଳିକା ଗାଧୋଉଥିବାବେଳେ ତାଙ୍କ ଘର ନିକଟ ଭଡ଼ା ଘରେ ରହୁଥିବା ରଞ୍ଜିତ, କୈଳାସ, ନିରଞ୍ଜନ, ମଧୁସୂଦନ ଓ ଦିଲୀପ ଲୁଚି ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେମାନେ ଭିଡିଓକୁ ମୋବାଇଲରୁ ମୋବାଇଲକୁ ଭାଇରାଲ କରିଥିଲେ। ଏପରିକି ନାବାଳିକାଙ୍କୁ ଭିଡିଓ ଦେଖାଇ ବ୍ଲାକମେଲ କରିବାକୁ ଉଦ୍ୟମ କରୁଥିଲେ। ଏ ନେଇ ନାବାଳିକାଙ୍କ ବାପା ଲାଞ୍ଜିଗଡ଼ ଥାନାରେ ଅଭିଯୋଗ କରିଥିଲେ। ଲାଞ୍ଜିଗଡ଼ ଥାନାଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ପୋଲିସ ତଦନ୍ତ କରି ୫ଜଣଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୩୪/୨୦୨୨) ରୁଜୁ କରି ପୋଲିସ ତଦନ୍ତ ଜାରି ରହିଛି।









## ସଂକ୍ଷେପରେ

### ତ୍ରୁଟିପୂର୍ଣ୍ଣ, ନିମ୍ନମାନର କଲଭର୍ଟ ନିର୍ମାଣ

**ଲୋଇସିଂହା, ୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ବାରଡୋଲରୁ ଟେଭାଡୁଙ୍ଗରୀ ମଝିରେ ରହିଛି ସାପଖାଇ ନାଳ। ଏହି ନାଳ ଉପରେ ୧୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କଲଭର୍ଟ ନିର୍ମାଣ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା କଲଭର୍ଟ ନିମ୍ନମାନର ଏବଂ ତ୍ରୁଟିପୂର୍ଣ୍ଣ ହୋଇଥିବା ଅଭିଯୋଗ ହୋଇଛି। କଲଭର୍ଟର ବାରଡୋଲ ପଟ କଂକ୍ରିଟ ଫାଟି ଗଲାଣି। ଏହାବ୍ୟତୀତ କଲଭର୍ଟର ଚଉଡା ଅନୁଯାୟୀ ରାସ୍ତା କଂକ୍ରିଟ ନକରି ସଂକୀର୍ଣ୍ଣ କରାଯାଇଛି। ଫଳରେ ଯାତ୍ରୀମାନେ ଜାଣି ନପାରି କଲଭର୍ଟ ଉପରେ ଦୁର୍ଘଟଣାର ଶିକାର ହେବା ଆଶଙ୍କା ପ୍ରକାଶ ପାଇଛି । ବିଭାଗୀୟ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବରୁ ତ୍ରୁଟିପୂର୍ଣ୍ଣ ନିର୍ମାଣ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ନିର୍ମାଣ ସରିଥିଲେ ସୁଦ୍ଧା ଏଠାରେ ସୂଚନା ଫଳକ ଲଗାଯାଇନାହିଁ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିଧାନ ନାଏକଙ୍କୁ ପଚାରିବାରୁ ଦୁଇଜଣ ଠିକାଦାର ସେଠି କାମ କରିଛନ୍ତି। ନିମ୍ନମାନର ଏବଂ ତ୍ରୁଟିପୂର୍ଣ୍ଣ କାମ ହୋଇଥିବା ଜଣାପଡିଛି। ସେଠାରେ ନୂତନ ପୋଲ ପାଇଁ ଏଷ୍ଟିମେଟ ପଠାଯାଇଥିବା ସେ କହିଛନ୍ତି।

### ରକ୍ଷକ ପ୍ରଶିକ୍ଷଣ କର୍ମଶାଳା

**ଉଲୁଣ୍ଡା,୮।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ପରିବହନ ବିଭାଗ ପକ୍ଷରୁ ଉଲୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ 'ରକ୍ଷକ' ପ୍ରଶିକ୍ଷଣ କର୍ମଶାଳା ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଏଆରଟିଓ ଶିବାଶିଷ ସାହୁ, ଶିକ୍ଷକ ପ୍ରସନ୍ନ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ସଡକ ଦୁର୍ଘଟଣାକୁ କିପରି ରୋକାଯାଇ ପାରିବ ଏବଂ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ କିଭଳି ସୁରକ୍ଷିତ ଉଦ୍ଧାର କରାଯାଇ ପାରିବ ସେନେଇ ମତ ପ୍ରକାଶ କରିଥିଲେ। ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ଚନ୍ଦ୍ରମଣି ବାଘ, ଚନ୍ଦ୍ରଶେଖର ମହାପାତ୍ର, ଗୋପେଶ ପଣ୍ଡା ପ୍ରମୁଖ ସାଧନ କର୍ମୀ ଭାବେ ଯୋଗଦେଇ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ କିଭଳି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇପାରିବ ସେନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା ବ୍ଲକର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଯୁବତୀ ଯୁବକ, ସାମାଜିକ କର୍ମୀ ଓ ଗାଡିଚାଳକମାନେ ସାମିଲ ହୋଇ ପ୍ରଶିକ୍ଷଣ ନେଇଥିଲେ । ଉଲୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜୁନିୟର ରେଡକ୍ରସ ପରାମର୍ଶଦାତା ହୃଷିକେଶ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅମୃତ ସରୋବର ଯୋଜନାର ଶୁଭାରମ୍ଭ



**ଦେଓଗାଁ, ୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡାରେ ବୁଧବାର ଅମୃତ ସରୋବର ଯୋଜନାର ଶୁଭାରମ୍ଭ ହୋଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ବାଗଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥିଭାବେ ବିଡିଓ ରାମଦତ୍ତ ଭୋଇ, ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା ଯୋଗଦେଇ ଅମୃତ ସରୋବର ଯୋଜନାକୁ ଶୁଭାରମ୍ଭ କରିଥିଲେ । କେନ୍ଦ୍ର ସରକାରଙ୍କ ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ପ୍ରତି ଜିଲାରେ ୭୫ଟି ଲେଖାଏ ପୋଖରୀକୁ ଅର୍ନ୍ତଭୁକ୍ତ କରାଯାଇ ଉନ୍ନତୀକରଣ କରାଯିବା ଯୋଜନା ରହିଛି। ଆଗାମୀ ଦିନରେ ପ୍ରତ୍ୟେକ ଗାଁରେ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ଚାରାରୋପଣ ମଧ କରାଯାଇଥିଲା ।

# ଟୋକନ ଅଛି, କିଣାଯାଉନି ଧାନ

## ସଇଁତଳା ପାକ୍ସ

**ସଇଁତଳା, ୮।୬ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ପ୍ରାଥମିକ କୃଷି ସମବାୟ ସମିତିରେ ରବିଧାନ କିଣାରେ ଅନିୟମିତତା ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଟୋକନ ଥାଇ ମଧ୍ୟ ଧାନ କିଣାଯାଉନାହିଁ। ଏଥିଯୋଗୁ ଗତ ଦୁଇଦିନ ଧରି ପ୍ରବଳ ଗରମରେ ଚାଷୀମାନେ ଖୋଲା ଆକାଶ ତଳେ ଧାନକୁ ଜଗି ବସିଛନ୍ତି। ସୂତ୍ରରୁ ପ୍ରକାଶ ଯେ, ସଇଁତଳା ପାକ୍ସରେ ଚଳିତ ରବିଋତୁ ଧାନ କିଣିବା ପାଇଁ ବ୍ୟବସ୍ଥା ହୋଇଛି। ଚାଷୀଙ୍କ ନାମରେ ବିଭାଗ ତରଫରୁ ଟୋକନ ମିଳି ସାରିଛି। ଚାଷୀ ଧାନଆଣି ପାକ୍ସ କାର୍ଯ୍ୟାଳୟ ସମ୍ମୁଖ



ମଣ୍ଡିରେ ପଡ଼ି ରହିଥିବା ଧାନ ।

ମଣ୍ଡିରେ ଜମା କରିଛନ୍ତି। ହେଲେ କିଣିବା ପାଇଁ କୌଣସି ନିର୍ଦ୍ଦେଶନାମା ପହଞ୍ଚି ନଥିବା ଦର୍ଶାଇ ଏକ ସପ୍ତାହରୁ ଅଧିକ ହେଲା ମଣ୍ଡିରେ ଶତାଧିକ ବସ୍ତା ଧାନ ପଡି ରହିଛି । ଅନ୍ୟପକ୍ଷରେ ପାକ୍ସକୁ ୨ଶହ କୁଇଣ୍ଟାଲ ଧାନ କିଣିବା ଆଦେଶ ମିଳିବାରୁ ଆଜି ତାହା କିଣାଯାଇଥିବା ପାକ୍ସ ସମ୍ପାଦକ ରୋହିତ ସାହୁ କହିଛନ୍ତି। କେରମେଲି ପଞ୍ଚାୟତ ଲାଟୁଟ ଗ୍ରାମର ଜୟଦେବ ସାହୁ ୩୬ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିବାବେଳେ ତାଙ୍କଠାରୁ ପାକ୍ସ କର୍ତ୍ତୃପକ୍ଷ ୨୫ କୁଇଣ୍ଟାଲ ଧାଣ କିଣିଛନ୍ତି। ଅବଶିଷ୍ଟ ଧାନ ଆଉ କିଣାଯାଇ ପାରିବ ନାହିଁ ବୋଲି କହିଛନ୍ତି। ସେହିଭଳି କୁଇଣ୍ଟାଲ ପିଛା ୫ କେଜି କଟନୀ କରାଯାଇଥିବା ଜୟଦେବ ଅଭିଯୋଗ କରିଛନ୍ତି।

# ଦୁର୍ଘଟଣା ବଢ଼ାଉଛି କ୍ରଶର ଗୁଣ୍ଡ

## ବୁର୍ଡା-ମେଣ୍ଡା ରାସ୍ତା

**ଲୋଇସିଂହା, ୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା-ମେଣ୍ଡା ରାସ୍ତାରେ କ୍ରଶର ଗୁଣ୍ଡ ଦୁର୍ଘଟଣା ବଢାଉଛି। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ବୁର୍ଡା ଛକରୁ ଭାୟା ମେଣ୍ଡା ଦେଇ ସୋନପୁରକୁ ସଂଯୋଗ କରିଛି। ଭାଲିଆମୁଣ୍ଡା-ଚୌହାନପାଲି ରାସ୍ତାର ଚୌହାନପାଲି ନିକଟରେ ଏକ କ୍ରଶର ୟୁନିଟ ରହିଛି । ରାସ୍ତାର ଅପରପାର୍ଶ୍ୱ ଖାଦାନରୁ କ୍ରଶରକୁ ପଥର ଆସିବା ବେଳେ ପଥର ଟୁକୁଡା ଏବଂ ହାଇୱା ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ ବେଳେ କ୍ରଶର ଗୁଣ୍ଡ ବୁର୍ଡା-ମେଣ୍ଡା ପିଚୁଡି ରାସ୍ତାରେ ପଡୁଛି । ଏହାକୁ ସଫେଇ କରାଯାଉନାହିଁ। ଏଥିଯୋଗୁ ଉକ୍ତ ସ୍ଥାନରେ ଯାତାୟାତ କରୁଥିବା ପଥାଚାରୀ ବିଶେଷ କରି ଦୁଇଚିକିଆ ଯାନ ଆରୋହୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗତ ସୋମବାର ସକାଳେ ପଦ୍ମପୁର ଅଞ୍ଚଳରୁ ବୌଦ୍ଧକୁ ସ୍କୁଟିରେ ଯାଉଥିବା ୩ଜଣ ଆରୋହୀ ଉକ୍ତ କ୍ରଶର ନିକଟରେ ପଡି ଆହତ ହୋଇଥିଲେ। ଏଥି ପୂର୍ବରୁ ଜଣେ ମହିଳାଙ୍କ ହାତ ଭାଙ୍ଗିଥିବାବେଳେ ଜଣେ ଶିଶୁକନ୍ୟା ଆହତ ହୋଇଥିଲେ । ଏହାର ପ୍ରତିକାର ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ମନ୍ତ୍ରୀ ଟୁକୁନି ସାହୁଙ୍କୁ ବିପୁଳ ସମ୍ବର୍ଦ୍ଧନା

**ତରଭା,୮।୬(ଡି.ଏନ.ଏ )**

ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କୁ ତରଭାଠାରେ ସମ୍ବର୍ଦ୍ଧନା ଦିଆଯାଇଛି । ବୁଧବାର ସେ ଭୁବନେଶ୍ୱରରୁ ଟିଟିଲାଗଡ଼ ଅଭିମୁଖେ ଆସୁଥିବା ବେଳେ ପୂର୍ବାହ୍ନ ୧୧ଟାରେ ତରଭା ବୈରାଶର ଛକଠାରେ ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଂଗଠନ ମୁଖ୍ୟ ସୋମନାଥ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ, ବଲାଙ୍ଗୀର,ତରଭାର ବିଜୁ ଜନତା ଦଳ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ବେହେରା,ମାନଭଞ୍ଜନ ମିଶ୍ର, ଜନାର୍ଦ୍ଦନ ଥନାପତି, ରାମ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ ।



ତରଭା ଛକ ନିକଟରେ ମନ୍ତ୍ରୀ ଟୁକୁନି ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଶିଶୁ ଶ୍ରମିକ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ

**ଲାଠୋର, ୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାର୍ନୁଭଟା ଅଙ୍ଗନୱାଡି କେନ୍ଦ୍ରରେ ବୁଧବାର ଶିଶୁ ଶ୍ରମିକ ରୋକିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ ସହଯୋଗ ତଥା ଜିଲା ପ୍ରଶାସନ ଏବଂ ଏକ୍ସନ ଏଡର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସରୋଜିନୀ ସାହୁ ଅଧକ୍ଷତା କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଲାଠୋର କ୍ଷେତ୍ର ପରିଦର୍ଶିକା ଅଞ୍ଜଳି ମିଶ୍ର, ସ୍ନେହଲତା ପ୍ରଧାନ ଓ ସସ୍ମିତା ପଣ୍ଡା ଅତିଥିଭାବେ ଯୋଗ ଦେଇଥିଲେ। ଗ୍ରାମରେ ୩୦ରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିଶୁ ଶ୍ରମିକ ବ୍ୟବସ୍ଥାକୁ କିପରି ରୋକାଯାଇ ପାରିବ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ତାହା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁଶ୍ରମିକ ଉଚ୍ଛେଦ ନେଇ ଉପସ୍ଥିତ ବାଳିକାମାନଙ୍କ ମଧ୍ୟରେ ଏକ ବକ୍ତୃତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଡିଲେଶ୍ୱରୀ ତାଣ୍ଡି ପ୍ରଥମ, କରିଷ୍ମା ଭୋଇ ଦ୍ୱିତୀୟ ଏବଂ ଯମୁନା ନାଗ ତୃତୀୟ ସ୍ଥାନ ଅଧିକାର କରି ମାନପତ୍ର ପାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ଲିଙ୍ଗରାଜ ପ୍ରଧାନ ଓ ସହଯୋଗ କରିଥିଲେ ରୁକ୍ଷ ଚରଣ ଧରୁଆ। ଧନ୍ୟବାଦ ଅର୍ପଣ କରିଥିଲେ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି।

# ଆଉ ଜଣକୁ ଗିରଫ କଲା ବନ ବିଭାଗ

## ହାତୀ ମୃତ୍ୟୁ ଘଟଣା

**ବୌଦ୍ଧ,୮।୬(ସ୍ୱ.ପ୍ର.)**

ନିକଟରେ ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ବଘିଆପଡା ସେକସନରେ ଦୁଇଟି ହାତୀର ମୃତଦେହ ଜବତ କରାଯାଇଥିଲା। ଏହି ଘଟଣାରେ ବନ ବିଭାଗ ପୂର୍ବରୁ ତିନି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏବେ ଆଉ ଜଣଙ୍କୁ ଗିରଫ କରିଛି । ପ୍ରକାଶ ଯେ, ବନ ବିଭାଗ ହାତୀ ମୃତ୍ୟୁ ଘଟଣାରେ ବିରିଗଡ ଗ୍ରାମର ସୁଦର୍ଶନ ମାଝିଙ୍କୁ ସନ୍ଦେହରେ ଉଠାଇ ଆଣି ପଚରାଉଚରା କରିଥିଲା । ପରେ ଏଥିରେ ସେ ସଂପୃକ୍ତି ଥିବା ଜାଣି ପାରି ଗିରଫ କରି କୋର୍ଟ ଚାଲାଣ କରିଛି । ସୁଦର୍ଶନଙ୍କୁ ମିଶାଇ ବନ ବିଭାଗ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାରେ ଆହୁରି ଅନେକ ଲୋକ ସଂପୃକ୍ତ ଥିବା ଜାଣିବାକୁ ପାଇଛି । ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି । ସୂଚନା ମତେ, ବୌଦ୍ଧ ବନଖଣ୍ଡ ବଘିଆପଡା ସେକସନର ଜାମୁଖୋଲ ବିଟର ଭୂର୍କିପଡା ଜଙ୍ଗଲରେ ଏକ ହାତୀର ଗଳିତ ମୃତଦେହ ଗତ ୨୪ ତାରିଖରେ ଜବତ କରାଯାଇଥିଲା । ଏହାର ୨୪ ଘଣ୍ଟା ନ ପୂରୁଣୁ ବେରଡାବାରି ବିଟର ବାଙ୍କିମୁଣ୍ଡି ଜଙ୍ଗଲରୁ ଆଉ ଏକ ହାତୀର ଗଳିତ ମୃତଦେହ ଜବତ ହୋଇଥିଲା ।

### ଦୂଷିତ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ

**ଜମନକିରା,୮।୬(ଡି.ଏନ.ଏ.):** ଜମନକିରା ବ୍ଲକ ସୁବର୍ଣ୍ଣପାଲି ଗ୍ରାମର ୪ ୱାର୍ଡବାସୀ ଦୂଷିତ ପାଣିରେ ଗାଧୋଇବା ଫଳରେ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମରେ ଛୋଟ ବନ୍ଧ ଥିଲେ ମଧ ତାହାକୁ ନିଲାମ ଦିଆଯାଇଛି। ବର୍ତ୍ତମାନ ପ୍ରବଳ ଖରା ଯୋଗୁ ବନ୍ଧ ପାଣି ଶୁଖିବାକୁ ବସିଲାଣି। ବାହାରୁ ପାଣି ପଶିବାର ମଧ ବ୍ୟବସ୍ଥା ନାହିଁ। କମ୍ ପାଣି ଯୋଗୁ ଏହା ଗୋଳିଆ ହେବା ସହ କୁଢ଼ କୁଢ଼ ମଇଳା ଭାସୁଛି। ଫଳରେ ଗାଧୋଇବା ସମସ୍ୟା ଲାଗିରହିଛି। ଏହି ସମସ୍ୟା ସମାଧାନ ପାଇଁ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଆନନ୍ଦପୁରକୁ ହେଲା ପାନୀୟ ଜଳ ଯୋଗାଣ

## ଅଢେଇ ମାସ ହେଲା ବ୍ୟାହତ ଥିଲା ଜଳ ଯୋଗାଣ

**ଧରିତ୍ରୀ ପ୍ରଭାବ**

**ଅମରପାଲି,୮।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଘା ଗ୍ରାମ ପଞ୍ଚାୟତର ଆନନ୍ଦପୁର ଗ୍ରାମକୁ ଅଢେଇ ମାସ ହେଲା ପାନୀୟ ଜଳ ଯୋଗାଣ ହେଉ ନ ଥିଲା। ଏନେଇ ଦୈନିକ ଧରିତ୍ରୀରେ ଗତ ୫ ତାରିଖରେ 'କାମରେ ଲାଗୁନି ୩୫ ଲକ୍ଷ ଟଙ୍କାର ପ୍ରକଳ୍ପ,ଆନନ୍ଦପୁର ଗ୍ରାମରେ ପାନୀୟ ଜଳ ସଙ୍କଟ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଉକ୍ତ ଗ୍ରାମକୁ ଦୀର୍ଘ ଅଢେଇ ମାସ ପରେ ଜଳ ଯୋଗାଣ ହୋଇଛି। ପ୍ରକାଶ ଯେ, ଜଟେସିଙ୍ଘା ପଞ୍ଚାୟତର କୁଡାପଡା ଓ ଆନନ୍ଦପୁର ଗ୍ରାମକୁ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଜଳ ଯୋଗାଣ ପ୍ରକଳ୍ପ କରାଯାଇ ଥିଲା। ପ୍ରକଳ୍ପରେ ବୋରିଙ୍ଗ କରାଯିବା ସହିତ ମଟର ଲଗାଯାଇଥିଲା। ଉଭୟ ଗ୍ରାମକୁ ପାଇପ ଲାଇନ ବିଛାଇ ଷ୍ଟାଣ୍ଡପୋଷ୍ଟ ମଧ ଲଗାଯାଇଥିଲା। ଗତ ଫେବୃଆରୀ ମାସରେ କାର୍ଯ୍ୟକ୍ଷମ ହେବା ପରେ କିଛିଦିନ ଉଭୟ ଗ୍ରାମକୁ ଜଳ ଯୋଗାଣ ହୋଇଥିଲା। ମାତ୍ର ପରେ ଉକ୍ତ ପ୍ରକଳ୍ପ ପରିଚାଳନା ନେଇ ବିବାଦ ଦେଖା ଦେଲା। ଫଳରେ ସେହି ଦିନଠାରୁ ଆନନ୍ଦପୁର ଗ୍ରାମକୁ ଜଳ ଯୋଗାଣ ହୋଇପାରୁ ନ ଥିଲା। ଏଥିଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ପ୍ରକଳ୍ପ ବୁଲିଲେ, ସମୀକ୍ଷା କଲେ ଜିଲାପାଳ



ସିନିୟର ସିଟିଜେନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଲୋଇସିଂହା,୮।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗସ୍ତରେ ବୁଧବାର ଜିଲାପାଳ ଚଞ୍ଚଳ ରାଣା ଆସିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂଙ୍କ ସହ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଉପସ୍ଥିତିରେ ଉନ୍ନୟନ କାମର ସମୀକ୍ଷା କରିବା ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଜିଲାପାଳ। ଏହାପରେ ୫ଟିରେ ଚାଲିଥିବା ସ୍ଥାନୀୟ ହରେକୃଷ୍ଣ ମହତାବ ହାଇସ୍କୁଲ ଏବଂ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ।ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୫ଟି ସ୍କୁଲ ଲୋକାର୍ପଣ ଉତ୍ସବ ରହିଥିବାରୁ କାମକୁ ଯଥାଶୀଘ୍ର ସାରିବାକୁ ବିଡିଓ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ କରିଥିଲେ ଜିଲାପାଳ। ବ୍ଲକ ପରିସରରେ ସ୍ଥାନୀୟ ସିନିୟର ସିଟିଜନ ଆସେମ୍ବ୍ଲିର ସଦସ୍ୟମାନେ ଜିଲାପାଳଙ୍କୁ ଭେଟିଥିଲେ। ସଂରକ୍ଷିତ ପଥରଗଡ ଡ୍ୟାମର ଉନ୍ନତୀକରଣ ପାଇଁ ଜିଲାପାଳଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାପାଳ ରାଣା ଲୋଇସିଂହାରେ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ପାଇଁ ପ୍ରସ୍ତାବ ରହିଥିବା ସୂଚନା ଦେଇଥିଲେ ।

# ମୋବାଇଲ ଚୋରି କରୁଥିବା ବେଳେ ଧରାପଡ଼ିଲେ

**ଲାଠୋର, ୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସାପ୍ତାହିକ ହାଟରେ ବୁଧବାର ମୋବାଇଲ ଫୋନ ଚୋରି କରୁଥିବା ଜଣେ ବାଳକଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ୧୨ବର୍ଷର ଏହି ବାଳକ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି। ପଚରାଉଚରା ବେଳେ ତାଙ୍କ ଘର ଛତିଶଗଡ଼ ମହାସମୁନ୍ଦ ବୋଲି କହୁଛନ୍ତି। ଚୋରମାନେ ଛୋଟପିଲାଙ୍କୁ ପ୍ରଲୋଭନ ଦେଖାଇ ଚୋରିରେ ଲଗାଉଥିବା ବୁଝା ପଡୁଛି। ଅପରାଧୀଙ୍କୁ ଧରିବା ଦିଗରେ ପୋଲିସ ଯତ୍ନବାନ ହେବାକୁ ସାଧାରଣରେ ଦାବି ହେଉଛି। ବୁଧବାର ଗ୍ରାମର ଅନୱର ଖାନ ସାପ୍ତାହିକ ହାଟକୁ କିଛି ସାମଗ୍ରୀ କିଣିବା ପାଇଁ ଯାଇଥିଲେ। ଜିନିଷ କିଣୁଥିବା ବେଳେ ଉକ୍ତ ବାଳକ ଜଣକ ତାଙ୍କ ପକେଟରୁ ମୋବାଇଲ ଫୋନ ଚୋରି କରୁଥିବା ବେଳେ ଅନୱର ତାଙ୍କୁ ଧରି ନେଇଥିଲେ।

# କିସ୍ କ୍ୟାମ୍ପସରୁ ଚୋରି, ୫ ଗିରଫ

**ଦେଓଗାଁ, ୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜଲିଆ ନିକଟ କିସ୍ କ୍ୟାମ୍ପସରୁ ହୋଇଥିବା ଚୋରିର ପର୍ଦ୍ଦାଫାଶ କରିଛି ପୋଲିସ । ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଚୋରି ଇନଭର୍ଟର, ବ୍ୟାଟେରୀ, ୨ଟି ପଙ୍ଖା ଏବଂ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ବୁଧବାର ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଲିଆର ପ୍ରଦୀପ ନାଏକ(୨୨), ରାଜୁ ଭୋଇ(୨୧), ପ୍ରବିନ ଭୋଇ (୧୮), ଆଶିଷ ଭୋଇ (୨୮) ଓ ଚକ୍ରଧର ମାଝି( ୩୮) । ସୂଚନାନୁସାରେ ଗତମାସ ୩୧ ତାରିଖରେ ଜଲିଆ ନିକଟ କିସ କ୍ୟାମ୍ପସ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଇନଭର୍ଟର, ବ୍ୟାଟେରୀ ଆଦି ଚୋରି କରିନେଇଥିବା ବଲାଙ୍ଗୀର ଟିକ୍ରାପଡାର ପ୍ରଦୀପ କୁମାର ସାହୁ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଏକ ମାମଲା( ୮୯/୨୨)ରୁଜୁ କରି ପୋଲିସ ଛାନଭିନ ଆରମ୍ଭ କରିଥିଲା। ଜଲିଆ ଗାଁରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚୋରୀ ସାମଗ୍ରୀ ଉଦ୍ଧାର କରାଯାଇଥିବା ଖବରଦାତା ସମ୍ମିଳନୀରେ ଥାନାଧିକାରୀ ବାମଦେବ ଶଙ୍ଖୁଆଳ ସୂଚନା ଦେଇଛନ୍ତି ।



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରିଛି।

# ସ୍କୁଲକୁ ଜମି ହସ୍ତାନ୍ତର କରିବେ ଜାଲ ପରିବାର

## ତୁଟିଲା ପୁଟକେଲଚୁଆଁ ସ୍କୁଲ ଜମି ବିବାଦ

**ଖପ୍ରାଖୋଲ, ୮।୬(ଡି.ଏନ.ଏ )**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ପୁଟକେଲଚୁଆଁ ଗାଁର ସ୍କୁଲ ଜମି ବିବାଦ ଦୀର୍ଘଦିନ ପରେ ଏକ ପ୍ରକାର ସମାଧାନ ହୋଇଛି । ୧୯୬୨ ମସିହାରେ ସ୍ଥାପିତ ଏହି ପ୍ରାଥମିକ ବିଦ୍ୟାଳୟ ପାଇଁ ଗୌନ୍ତିଆ ଶ୍ରଦ୍ଧାକର ଜାଲ ମୌଖିକଭାବେ ଜମିଦାନ କରିଥିଲେ। ଏହା ପରେ ସେଠାରେ ବିଦ୍ୟାଳୟ ଘର ନିର୍ମାଣ ହୋଇଥିଲା । ହେଲେ ପରବର୍ତ୍ତୀ ସମୟରେ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ଜାଲ ପରିବାର ତରଫରୁ ବିରୋଧ କରାଯିବାରୁ ୨୫ବର୍ଷ ହେଲା ଏକ ନିର୍ମାଣାଧୀନ କୋଠା ଅଧାପନ୍ତରିଆ ହୋଇ ପଡି ରହିଛି । ଏହି ସମସ୍ୟାର ସମାଧାନ ପାଇଁ ବୁଧବାର ସ୍କୁଲରେ ଏକ ବୈଠକ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ



ସ୍କୁଲ ସମସ୍ୟା ସମାଧାନ ପାଇଁ ହୋଇଥିବା ବୈଠକରେ ଉପସ୍ଥିତ ଅଧିକାରୀ, ଶିକ୍ଷକ ଓ ଗ୍ରାମବାସୀ।

ମିଶ୍ରଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ଭୋଇ, ଏବିଇଓ ମିନକେତନ ବରିହା, ସିଆରସିସି ଶାନ୍ତନୁ କୁମାର ମିଶ୍ର, ପ୍ରଧାନଶିକ୍ଷକ ଘନଶ୍ୟାମ ପଶାୟତ, ୱାର୍ଡସଭ୍ୟ ଧନମତି କୁଅଁର, ସରପଞ୍ଚ ପ୍ରତିନିଧି ଯତିଶ ସାହୁ ଏବଂ ଜାଲ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏକ ଶିକ୍ଷାନୁଷ୍ଠାନ ପାଇଁ ପୂର୍ବପୁରୁଷ ଜମି ମୌଖିକ ଦାନ କରିଥିଲେ । ବୁଝାମଣା ଅଭାବରୁ ନୂତନ କୋଠା ପାଇଁ ବିରୋଧ କରିଥିବା ଜାଲ ପରିବାର ସଦସ୍ୟମାନେ କହିଥିଲେ। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜମି ଥିବାରୁ ଗଣଶିକ୍ଷା ବିଭାଗ କିଛି ଟଙ୍କା ଦେଲେ ତାଙ୍କ ପରିବାର ଉପକୃତ ହୁଅନ୍ତେ ବୋଲି ଶିକ୍ଷା ଅଧିକାରୀଙ୍କୁ କହିଥିଲେ। ପରେ ଗଣଶିକ୍ଷା ବିଭାଗକୁ ୩୦ଡିସିମିଲ ଜମି ହସ୍ତାନ୍ତର କରିବା ପାଇଁ ଜମି ଭାଗ ପାଇଥିବା ତେଜରାଜ ଜାଲ, ପରମେଶ୍ୱର ଜାଲ ଓ ଈଶ୍ୱର ଜାଲ ସହମତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଲକ୍ଷେସିଂ ଜାଲ, ଗୁପ୍ତେଶ୍ୱର କୁଅଁର, ଧ୍ରୁବ ଶଗଡିଆ, ଲକ୍ଷ୍ମଣ ଶଗଡିଆଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ପୋଲିସ ଲଗାଇ ବିସ୍ଥାପିତଙ୍କ ଘର ଭାଙ୍ଗିଲା ଏମ୍‌ସିଏଲ୍

ଝାରସୁଗୁଡା ଅଫିସ୍,୮।୬

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଇବ୍‌ଭ୍ୟାଲି ତରଫରୁ ବୁଧବାର ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅନ୍ତର୍ଗତ ଚିଙ୍ଗିଡିଗୁଡା ଗ୍ରାମର ବିସ୍ଥାପିତ ସୁରେଶ କିଷାନଙ୍କ ଘରକୁ ପୋଲିସ ଲଗାଇ ଭାଙ୍ଗିଦିଆଯାଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ କମ୍ପାନୀ କର୍ତ୍ତୃପକ୍ଷ ସଶସ୍ତ୍ର ପୋଲିସ ନେଇ ସକାଳେ ଗ୍ରାମରେ ପହଞ୍ଚିଥିଲେ। ଏଥିରେ ମାଜିଷ୍ଟ୍ରେଟ୍ ଭାବେ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ବୈକଣ୍ଠ ବିହାରୀ ସେଠ୍ ସାମିଲ ହୋଇଥିବାବେଳେ ୩ ସେକ୍ସନ ଫୋର୍ସ ମୁତୟନ ହୋଇଥିଲେ।

କୌଣସି ପୂର୍ବ ସୂଚନା ନ ଦେଇ ପୋଲିସ୍ ପ୍ରଥମେ ବିସ୍ଥାପିତ ପରିବାର ଲୋକଙ୍କୁ ଘରୁ ବାହାରକରି ପୋଲିସ୍ ଭ୍ୟାନ୍‌ରେ ବସାଇ ଅନ୍ୟତ୍ର ନେଇଯାଇଥିଲା। ପରେ କମ୍ପାନୀ କର୍ତ୍ତୃପକ୍ଷ ଘରର ସମସ୍ତ ସାମଗ୍ରୀ ଗାଡିରେ ବୋଝେଇ କରିବା ସହ ବିସ୍ଥାପିତ ପରିବାର ଲୋକଙ୍କୁ ଥଇଥାନ ପାଇଁ ହିଲ୍‌ଟପ୍ କଲୋନୀକୁ ନେଇଯାଇଥିଲେ।


ଚିଙ୍ଗିଡିଗୁଡା ଗ୍ରାମର ଏକ ବିସ୍ଥାପିତ ପରିବାର ସଦସ୍ୟ।


ବୁଲ୍‌ଡୋଜର ଲଗାଇ ଘର ଭଙ୍ଗାଯାଉଛି।

ହେଲେ ପରିବାର ଲୋକେ କମ୍ପାନୀର କଲୋନୀ କ୍ୱାର୍ଟର୍ସରେ ନ ରହି ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାରେ ବସିରହିଛନ୍ତି। ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଏ ନେଇ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଲଖନପୁର ତହସିଲଦାର ପାଣ୍ଡେ କହିଛନ୍ତି, ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ପ୍ରକଳ୍ପ ଅଧିକାରୀଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ବିସ୍ଥାପିତ ପରିବାର ସଦସ୍ୟ ଗୁରୁଦେବ କିଷାନ କହିଛନ୍ତି, ତାଙ୍କର ୭ ଏକର ୭୫ ଡେସିମିଲ ଜମି ଏମ୍‌ସିଏଲ୍ ଅଧିଗ୍ରହଣ କରିଛି। ଏ ବାବଦକୁ ପରିବାରର ୪ଭାଇଙ୍କୁ କମ୍ପାନୀ ନିଯୁକ୍ତି ଦେଇଥିବାବେଳେ ୨ଭଉଣୀଙ୍କୁ ନିଯୁକ୍ତି ଦେଇନାହିଁ। ଏହି ୨ଭଉଣୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ନିଯୁକ୍ତି ଦେବାପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ପରେ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏ ନେଇ ୨ଭଉଣୀ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଏହା ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ପୋଲିସ ଲଗାଇ ବିସ୍ଥାପିତଙ୍କ ଘର ଭାଙ୍ଗିଦେଇଛି।

ଏ ସମ୍ପର୍କରେ ଏମ୍‌ସିଏଲ୍ ସମଲେଶ୍ୱରୀ କୋଇଲା ଖଣିର ପ୍ରୋଜେକ୍ଟ ଅଫିସର ରାମ ସୁମେର ଗୁପ୍ତାଙ୍କୁ ପଚାରିବାରୁ ସେ କହିଥିଲେ, ମୁ ନାଗପୁରରେ ଅଛି, ଏ ସମ୍ପର୍କରେ କିଛି କହିପାରିବି ନାହିଁ।

## ସଂକ୍ଷେପରେ

### ସହାୟତା ମାଗି ଲୁଟିନେଲେ ଫୋନ, ଟଙ୍କା

**ସମ୍ବଲପୁର,୮।୬(ବ୍ୟୁରୋ):** ସହାୟତା ମାଗି ଦୁର୍ବୃତ୍ତମାନେ ଫୋନ, ଟଙ୍କା ଲୁଟି ନେଇଥିବା ନେଇ ସମ୍ବଲପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ନୂଆଁପଡାର ବୋଡେନ ଥାନା ଭଇଁଷାଦାନୀ ଗ୍ରାମର ରାମେଶ୍ୱର ମାଝିଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ସନ୍ଧ୍ୟାରେ ସେ ଓ ତାଙ୍କ ସାଙ୍ଗ ଫଣିନ୍ଦ୍ର ହଂସ ଟ୍ରେନ ଯୋଗେ ରାଉରକେଲାରୁ ସମ୍ବଲପୁର ଆସିଥିଲେ। ଷ୍ଟେଶନରେ ଓହ୍ଲାଇବା ପରେ ସେମାନେ ଏକ ହୋଟେଲରେ ଖାଇଥିଲେ। ପରେ ଲେଡିଲୁଇସ ସ୍କୁଲ ନିକଟ ଆରଏସ୍‌ଏସ୍ କାର୍ଯ୍ୟାଳୟକୁ ଚାଲି ଚାଲି ଆସୁଥିଲେ। ଏହି ସମୟରେ ପୁରୁଣା ମ୍ୟୁନିସିପାଲ ବାଳିକା ବିଦ୍ୟାଳୟ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ପାଖକୁ ଆସି ଜଣକୁ କଲ କରିବାର ଅଛି, ଫୋନ ଟିକେ ଦିଅ ବୋଲି ସାହାଯ୍ୟ ମାଗିଥିଲେ। ନ ଦେବାରୁ ଫୋନ ଛଡାଇ ନେଇଥିଲେ। ପରେ ପର୍ସରୁ ଟଙ୍କା ନେଇଯାଇଥିଲେ। ଫଣିନ୍ଦ୍ରଙ୍କଠାରୁ ମଧ ଟଙ୍କା ଓ ପର୍ସ ନେଇଯାଇଛନ୍ତି। ପୋଲିସ ଏ ନେଇ ୯୮/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଜଳ ସମସ୍ୟା ନେଇ ଜିଲାପାଳଙ୍କୁ ଅଭିଯୋଗ

**ସମ୍ବଲପୁର,୮।୬(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ସଂକର୍ମା ଗ୍ରାମରେ ପ୍ରାୟ ୧ ମାସ ହେଲା ଜଳ ଯୋଗାଣ ଠପ ହୋଇ ପଡିଛି। ଏହାକୁ ନେଇ ଗ୍ରାମବାସୀ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କ୍ରମେ ଗ୍ରାମରେ ପିଏଚ୍‌ଡି ପକ୍ଷରୁ ପାନୀୟ ଜଳ ଯୋଗାଣ କରାଯାଉଥିଲା। ହେଲେ ଏକମାସ ହେଲା ସ୍ୱାଭାବିକ ଭାବେ ପାଣି ଦିଆଯାଉ ନାହିଁ। ପ୍ରବଳ ଖରା ତାତି ସମୟରେ ଲୋକମାନେ ପାଣି ପାଇଁ ତହଲବିକଳ ହେଉଛନ୍ତି। ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ନଳକୂପ ମରାମତି ଦାବି

**ଜମନକିରା,୮।୬(ଡି.ଏନ.ଏ.):** ଜମନକିରା ବ୍ଲକ କଟଙ୍ଗପାଣି ପଞ୍ଚାୟତ ଅଙ୍ଗନୱାଡି ପାଖ ପଞ୍ଚାୟତ ପଡ଼ାରେ ନଳକୂପରୁ ପାଣି ବାହାରୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିଗତ କିଛିଦିନ ହେଲା ଏହି ସମସ୍ୟା ଲାଗିରହିଛି। ପ୍ରବଳ ଖରା ଯୋଗୁ ଦୂର ସ୍ଥାନକୁ ଯାଇ ପାଣି ଆଣିବା କଷ୍ଟକର ହୋଇପଡିଛି। ତୁରନ୍ତ ଏହି ପଡ଼ାର ନଳକୂପ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା

**ଜମନକିରା,୮।୬(ଡି.ଏନ.ଏ.):** ଜମନକିରା ବ୍ଲକ ବଡରମା ପଞ୍ଚାୟତ ସରପଞ୍ଚ ବିଜୟ କୁମାର ନାୟକ ୨ ମୃତକ ପରିବାରଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି। ପ୍ରଦାନ କରାଯାଇଛି। କୁରେଇବହାଲ ଗ୍ରାମର ସେବକ ପାତ୍ର ଓ ତବଲାକଟା ଗ୍ରାମର ସରସ୍ୱତୀ ସିଂଙ୍କ ମୃତ୍ୟୁକୁ ନେଇ ସରପଞ୍ଚ ଶୋକ ପ୍ରକାଶ ସହ ପରିବାର ଲୋକଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ଜମନକିରା ବିଡିଓ ଚୁନ୍ନୁ ମେହେର, ଏପିଓ ମନୋଜ ଭୋଇ, ଜିଆର୍‌ଏସ୍ ସଚ୍ଚିକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

### ଧାନକିଣା ବ୍ୟବସ୍ଥାରେ ଚାଷୀଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ

**ବିନିକା,୮।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଉପ-ଜିଲାପାଳ ନିହାର ରଞ୍ଜନ କୁଅଁର ବୁଧବାର ବିନିକା ଗସ୍ତରେ ଆସି ସିଂଘିଯୁବା, ଶଙ୍କରା ଓ ଚରଦା ପ୍ୟାକ୍ସ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଧାନ ବିକ୍ରୟ ବ୍ୟବସ୍ଥାର ତଦାରଖ କରିଥିଲେ। ଏଥିସହ ଚାଷୀମାନେ କିପରି ସୁବିଧାରେ ଧାନ ବିକ୍ରି କରି ପାରିବେ ସେଥିପ୍ରତି ଗୁରୁତ୍ୱ ଆରୋପ କରିଥିଲେ। ଟୋକନ ଲାପ୍ସ ଯୋଗୁ ବହୁ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହେଉଥିବା ସେ ଜାଣିବାକୁ ପାଇଥିଲେ। ଟୋକନ ପାଇଥିଲେ ହେଁ ଠିକ ସମୟରେ ଧାନ ନ ଉଠିବା ଯୋଗୁ ଧାନ ବିକ୍ରି ଟୋକନ ଲାପ୍ସ ହେଉଛି। ଫଳରେ ଚାଷୀ ହଇରାଣ ହେଉଛନ୍ତି। ସର୍ବପ୍ରଥମେ ଟୋକନ ଲାପ୍ସ ହୋଇଥିବା ଚାଷୀଙ୍କୁ ଅଗ୍ରାଧିକାର ଦେଇ ଧାନକ୍ରୟ କରିବାକୁ ଉପ-ଜିଲାପାଳ କୁଅଁର ବିନିକା ଯୋଗାଣ ଅଧିକାରୀ ଏବଂ ପ୍ୟାକ୍ସ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ସିଂଘିଯୁବା,ଶଙ୍କରା ଓ ଚରଦା ଧାନ ମଣ୍ଡିରୁ କେତେକ ମିଲର୍ସ ଧିମା ଗତିରେ ଧାନ ଉଠାଉଥିବା ଜାଣିବାକୁ ପାଇଥିଲେ। ଧାନକିଣାରେ ଅବହେଳା କରୁଥିବା ମିଲର୍ସମାନଙ୍କୁ ଦୈନିକ ଧାନମଣ୍ଡିରୁ ଟ୍ରକ ଯୋଗେ ଶୀଘ୍ର ଧାନକ୍ରୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତରେ ଉପଜିଲାପାଳ କୁଅଁରଙ୍କ ସହ ଏସିଏସ୍‌ଓ ତ୍ରିନାଥ ଭୋଇ ,ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ,ବିନିକା ଯୋଗାଣ ଅଧିକାରୀ ପ୍ରମୁଖ ସାମିଲ ଥିଲେ।

# ରାଜ୍ୟସ୍ତରୀୟ ରେଫରି ଦକ୍ଷତା କାର୍ଯ୍ୟକ୍ରମ

**ଭାଗନେଲେ ୧୦୦ଜଣ ରେଫରି**

ସମ୍ବଲପୁର,୮।୬(ବ୍ୟୁରୋ)

ରାଜ୍ୟସ୍ତରୀୟ ରେଫରି ଦକ୍ଷତା କାର୍ଯ୍ୟକ୍ରମ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ଫୁଟବଲ ଆସୋସିଏଶନ ଅଫ ଓଡିଶା (ଫାଓ) ଓ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ କାର୍ଯ୍ୟକ୍ରମ ହୋଇଛି। ଏଥିରେ ବିଭିନ୍ନ ଜିଲାରୁ ୧୦୦ଜଣ ରେଫରି ଅଂଶଗ୍ରହଣ କରିଛନ୍ତି। ଏଥିମଧ୍ୟରେ ୨୫ଜଣ ମହିଳା ଅଛନ୍ତି। ଓଡିଶା ରାଜ୍ୟ ମୁଖ୍ୟ ରେଫରି ଦୁର୍ଗାମାଧବ ନାଏକ ମୁଖ୍ୟ ଚୟନକର୍ତ୍ତା ଭାବେ ଯୋଗଦେଇଥିଲେ। ଏଥିରେ ରେଫରିମାନଙ୍କ ଦୌଡ, ସମୟ, ସାଧାରଣ ଜ୍ଞାନ ପ୍ରଭୃତି ବିଷୟରେ ପରୀକ୍ଷା କରାଯାଇଥିଲା । ଗୁରୁବାର କାର୍ଯ୍ୟକ୍ରମ ଶେଷ ହେବ। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ, ଉପସଭାପତି ଦୁଲାଲଚନ୍ଦ୍ର ପ୍ରଧାନ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କାଉନସିଲ ସଭ୍ୟ ପଦ୍ମନାଭ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରଶାସନ ଖୋଲିଲା ଆମ୍ବ ମେଳା

ସମ୍ବଲପୁର,୮।୬ (ବ୍ୟୁରୋ)

ସମ୍ବଲପୁର ଜେଲ ଛକସ୍ଥିତ ଆହାର କେନ୍ଦ୍ର ପରିସରରେ ପ୍ରଶାସନ ପକ୍ଷରୁ ଆମ୍ବ ମେଳା ଖୋଲାଯାଇଛି। ମୁଖ୍ୟଅତିଥି ଭାବେ ଡିଆର୍‌ଡିଏ ଏପିଡି ତନ୍ମୟ କୁମାର ଦରୁଆନ ଯୋଗ ଦେଇଥିବାବେଳେ ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ରଞ୍ଜନ ଦାସ ମହାପାତ୍ର, ଓର୍‌ମାସ ଜିଲା ସଂଯୋଜକ, ଡିପିଏମ୍ ପୁଷ୍ପଶ୍ରୀ ନାଏକ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୬ଟି ଷ୍ଟଲ ଖୋଲାଯାଇଛି। ଏଥିରେ ଦଶେରୀ, ନୀଲମ, ଆମ୍ରପଲି, ଲେଙ୍ଗଡା,ବାଇଗଣଫଳି ଆଦି କିସମର ଆମ୍ବ ବିକ୍ରି ହେଉଛି। ବିକ୍ରି ହେଉଥିବା ଆମ୍ବ ଜୈବିକ ପଦ୍ଧତିରେ ପଚାଯାଉଛି। ଗଛରେ ପାଚିଥିବା କେତେକ କିସମର ଆମ୍ବ ମଧ ବିକ୍ରି କରାଯାଉଛି। ପ୍ରଥମ ଦିନରେ ଗ୍ରାହକ ସଂଖ୍ୟା କମ୍ ରହିଥିଲା। ପ୍ରଚାର ହେବା ପରେ ଭିଡ ବଢିବ ବୋଲି ପ୍ରଶାସନ ପକ୍ଷରୁ ଆଶା କରାଯାଇଛି। କୁଚିଣ୍ଡା, ରେଢ଼ାଖୋଲ, ଯୁଯୁମୁରା ବ୍ଲକରୁ ଚାଷୀମାନେ ନିଜ ଉତ୍ପାଦିତ ଆମ୍ବ ବିକ୍ରି କରୁଛନ୍ତି।


ଆମ୍ବ ମେଳା ଉଦ୍‌ଘାଟନ କରାଯାଉଛି।

# 'ଜନସାଧାରଣ, ଜିଲା ପ୍ରଶାସନର ସହଯୋଗ ପ୍ରଶଂସନୀୟ'

ସମ୍ବଲପୁର,୮।୬(ବ୍ୟୁରୋ)

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଜନସାଧାରଣ ଓ ଜିଲା ପ୍ରଶାସନର କାର୍ଯ୍ୟ ପ୍ରଶଂସନୀୟ ଥିଲା। ପ୍ରଚଣ୍ଡ ରୌଦ୍ରତାପକୁ ଖାତିର ନ କରି ଜନସାଧାରଣ ଯାତ୍ରାର ଆନନ୍ଦ ନେଇଥିଲେ। ଏହିକ୍ରମରେ ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ବିଦ୍ୟୁତ୍ ସେବା ଜାରି ରଖିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। କମ୍ପାନୀ ପକ୍ଷରୁ ମରାମତି ପାଇଁ ୨ଶହ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। କ୍ଷେତିପଡା ସ୍ଥିତ ୧୦୦କେଭିଏ ଟ୍ରାନ୍ସଫର୍ମର ଅତ୍ୟଧିକ ଚାପ ଯୋଗୁ ବନ୍ଦ ହୋଇଯାଇଥିଲା। ଯୁଦ୍ଧକାଳୀନଭିତ୍ତିରେ ଏଠାରେ ୨୦୦କେଭିଏ ଟ୍ରାନ୍ସଫମର ବସାଯାଇ ତ୍ୱରିତ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିଲା। ସେହିପରି ଘିକୁଣ୍ଡି ଅଞ୍ଚଳରେ ମଧ୍ୟରାତ୍ରିରେ ଏକ ସବଷ୍ଟେଶନରେ ନିଆଁ ଲାଗିଯାଇଥିଲା। କର୍ମଚାରୀମାନେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ପରେ ସମସ୍ତ ତାର ବଦଳାଇ ସକାଳ ସୁଦ୍ଧା ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥିଲା । କର୍ମଚାରୀମାନଙ୍କୁ ଜନସାଧାରଣ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗ ସମସ୍ତ ପ୍ରକାର ସହଯୋଗ କରିଥିବାରୁ କମ୍ପାନୀ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।


ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀମାନେ ଟ୍ରାନ୍ସଫର୍ମର ମରାମତି କରୁଛନ୍ତି।

# ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

କୁତ୍ରା, ୮।୬(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ନୂଆଗାଁରେ ଜନୈକା ଯୁବତୀଙ୍କୁ ବଳାତ୍କାର ଘଟଣାରେ ପୋଲିସ ବିନୋଦ ସିଂ(୩୦)ଙ୍କୁ ଗିରଫ କରିଛି। ନୂଆଗାଁ ଗ୍ରାମରେ ଜନୈକା ଯୁବତୀଙ୍କ ସହ ବିନୋଦଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାର ସୁଯୋଗ ନେଇ ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଯୁବତୀ ଜଣକ ଗର୍ଭବତୀ ଥିବା ନେଇ ଗ୍ରାମବାସୀ ଜାଣିବା ପରେ ଗ୍ରାମରେ ଏକ ବୈଠକ ବସିଥିଲେ। ତେବେ ବୈଠକରେ ଉକ୍ତ ଯୁବକ ଜଣକ ଯୁବତୀଙ୍କୁ ବାହା ହେବା ପାଇଁ ସହମତି ଜଣାଇଥିଲେ। ପରେ ବାହା ହେବା ପାଇଁ ମନା କରିବାରୁ ଯୁବତୀଙ୍କ ବାପା ଗତ ୬ ତାରିଖ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ କୁତ୍ରା ଥାନା ପକ୍ଷରୁ ଘଟଣାର ତଦନ୍ତ କରି ବୁଧବାର ଉକ୍ତ ଯୁବକଙ୍କୁ ଗିରଫ କରଯାଇଛି।

# ସ୍ୱାମୀ ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ରାଉରକେଲା ଅଫିସ,୮।୬

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ନୟାବଜାର ଅଞ୍ଚଳରେ ସ୍ୱାମୀର ଠେଙ୍ଗା ମାଡରେ ସ୍ତ୍ରୀଙ୍କ ମୃତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୦୮।୨୨)ରୁଜୁ କରି ସ୍ୱାମୀଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ନୟାବଜାର ସ୍ଥିତ ଝରିଆବାହାଲ ବସ୍ତିରେ ଶୁକମଣି ବଡ଼ାଇକ ଓ ସ୍ୱାମୀ ଶ୍ୟାମସୁନ୍ଦର ବଡ଼ାଇକ ବାସ କରନ୍ତି। ଗତ ୪ଦିନ ପୂର୍ବେ କୌଣସି କଥାକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ସ୍ୱାମୀ ରାଗିଯାଇ କବାଟ କଣରେ ଥିବା ଏକ ଠେଙ୍ଗାରେ ସ୍ତ୍ରୀ ଶୁକମଣିଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ସ୍ତ୍ରୀ ଅଚେତ ହୋଇଥିବାବେଳେ ତାଙ୍କୁ ସ୍ଥାନୀୟ ଲୋକେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


ଜେଏସ୍‌ଡବ୍ଲ୍ୟୁ ଭୂଷଣ ପରିସରରେ ବୃକ୍ଷର ଜନ୍ମଦିନ ପାଳନ।

# ଜେଏସ୍‌ଡବ୍ଲ୍ୟୁ ଭୂଷଣରେ ବୃକ୍ଷର ଜନ୍ମଦିନ ପାଳନ

ସମ୍ବଲପୁର,୮।୬(ବ୍ୟୁରୋ)

ପୃଥିବୀକୁ ସୁସ୍ଥ ରଖିବାରେ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସମସ୍ତେ ବୃକ୍ଷ ରୋପଣ କରିବା ଆବଶ୍ୟକ। ଖାଲି ଗଛ ଲଗାଇଲେ ହେବ ନାହିଁ, ତା'ର ଯତ୍ନ ନେବାକୁ ପଡିବ। ଏଭଳି ସଙ୍କଳ୍ପ ନେଇ ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲ୍ୟୁ ଭୂଷଣ ପରିସରରେ ବୃକ୍ଷରୋପଣ ସହ ଗତବର୍ଷ ଏହି ଦିନ ରୋପିତ ଗଛର ପ୍ରଥମ ଜନ୍ମଦିନ ପାଳନ ହୋଇଥିଲା। କମ୍ପାନୀ ନିର୍ଦ୍ଦେଶକ ଅନିଲ କୁମାର ସିଂ ଆମ ଜୀବନରେ ବୃକ୍ଷର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଉଦ୍ୟାନର ବିକାଶ ଓ ରକ୍ଷଣାବେକ୍ଷଣରେ ଯେଉଁମାନଙ୍କ ଭୂମିକା ରହିଛି ସେମାନଙ୍କୁ ସେ ଧନ୍ୟବାଦ ଦେଇଥିଲେ। ବୃକ୍ଷର ଜନ୍ମଦିନ ପାଳନ ପାଇଁ ସେ ଉଦ୍ୟାନ କୃଷି ବିଭାଗର ଡ. ଶ୍ୟାମକାନ୍ତ ଗାଇଡାନେ ଓ ତାଙ୍କ ଦଳକୁ ବିଶେଷ ଧନ୍ୟବାଦ ଦେଇଥିଲେ। ଉତ୍ସବର ଆକର୍ଷଣ ହେଉଛି ଉଦ୍ୟାନ କୃଷି ବିଭାଗ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ଖତ ପିଠା। ଜନ୍ମଦିନର ପିଠା ଖାଇବାକୁ ଏହା ଏକ ଅଭିନବ ଧାରଣା ଥିଲା।

# ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ବ୍ୟାରେକ ଉଦ୍‌ଘାଟନ

ସମ୍ବଲପୁର,୮।୬(ବ୍ୟୁରୋ)

ସମ୍ବଲପୁର ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ ସେଣ୍ଟରରେ ନୂତନ ବ୍ୟାରେକ ମଙ୍ଗଳବାର ଉଦ୍‌ଘାଟନ ହୋଇଛି। ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ କୁଳଦୀପ ସିଂ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଇନ୍ସପେକ୍ଟର ଜେନେରାଲ ଏ.କେ. ମହାନ୍ତି, ଡେପୁଟି ଇନ୍ସପେକ୍ଟର ଜେନେରାଲ ଲାଲ ଚାନ୍ଦ ଯାଦବ ଯୋଗଦେଇଥିଲେ। ସିପିଡବ୍ଲ୍ୟୁଡି ଅଧୀକ୍ଷକ ଇଂ ପ୍ରମୋଦ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ବ୍ୟାରେକରେ ୧୮୦ ଜଣ ଯବାନ ରହିବାର କ୍ଷମତା ରହିଛି। ମହାନିର୍ଦ୍ଦେଶକ ସିଂ କହିଥିଲେ, ଏହି ଗ୍ରୁପ ସେଣ୍ଟର ଧୀରେ ଧୀରେ ଅଗ୍ରଗତି ହେଉଛି। ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ଏହା ଯବାନ ଓ ଅଧିକାରୀମାନଙ୍କ ପାଇଁ ସୁବିଧା ହେବ।


ଗୋଶାଳାରେ ନୂତନ ବ୍ୟାରେକ ଉଦ୍‌ଘାଟନ କରାଯାଉଛି ।

# ଥାନା ସମ୍ମୁଖ ଦୋକାନରୁ ଚୋରି

ସୁନ୍ଦରଗଡ଼:୮।୬(ଡି.ଏନ.ଏ )

ସୁନ୍ଦରଗଡ଼ ସହରରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଚୋରି ବୃଦ୍ଧି ପାଇବାରେ ଲାଗିଛି। କିଛି ଦିନ ଆଗରୁ ବିଦ୍ୟୁତ ବିହାର କଲୋନୀରେ ଚୋରମାନେ କଳାକନା ବୁଲାଇ ଥିବାବେଳେ ଏହି କଲୋନୀବାସୀ ସୁନ୍ଦରଗଡ଼ ଏସପି ସାଗରିକା ନାଥଙ୍କୁ ଭେଟି ପାଟ୍ରୋଲିଙ୍ଗ ବ୍ୟବସ୍ଥା କଡାକଡି କରିବାକୁ ଦାବି କରିଛନ୍ତି। ମଙ୍ଗଳବାର ରାତିରେ ଟାଉନ ଥାନା ସମ୍ମୁଖରେ ୫୦ମିଟର ଦୂରତାରେ ଥିବା ମହାପାତ୍ର ଜେନେରାଲ ଷ୍ଟୋରରୁ ରାତିରେ ଚୋରମାନେ ଦୋକାନ ଉପରର ଖପର ଭାଙ୍ଗି ୩ଜଣ ଚୋର ଦୋକାନ ଭିତରେ ପଶି ନଗଦ ୨୫୦୦୦ ଟଙ୍କା ଓ ୬୦୦୦୦ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ବୁଧବାର ସକାଳୁ ଦୋକାନ ମାଲିକ ନିଲୁ ମହାପାତ୍ର ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାପରେ ଏକ ଚୋରି ମାମଲ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି କିଛିଦିନ ହେଲା ଏନଟିପିସି ମେଡିକାଲ ନିକଟ ବିଦ୍ୟୁତ ବିହାର କଲୋନୀରୁ ଅନୁରୂପ ଅଭିଯୋଗ ଆସିଛି। ଏହି ସବୁ ଚୋରି ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

# ହାତୀ ଉପଦ୍ରବ, ଆମ୍ବ ବଗିଚା ନଷ୍ଟ


ହାତୀ ଭାଙ୍ଗିଥିବା ଆମ୍ବଗଛ।

ନାକଟିଦେଉଳ,୮।୬(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତର ଚରଡ଼ପଶି ଓ ଡଉଁଚା ପଞ୍ଚାୟତର ତିଲେଇମାଳ ଗ୍ରାମରେ ଜଙ୍ଗଲୀ ହାତୀ ପଲଙ୍କ ଉପଦ୍ରବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବୁଧବାର ଭୋର ସମୟରେ ହାତୀ ପଲ ତିଲେଇମାଳ ଗ୍ରାମର ଆବନେଜର ସୋରେଙ୍ଗଙ୍କ ଆମ୍ବ ବଗିଚାରେ ପଶି ଦୀର୍ଘ ସମୟ ଧରି ଉପଦ୍ରବ କରିଥିଲେ। ଏଥିରେ ତାଙ୍କର ପ୍ରାୟ ୩୦ଟି ଆମ୍ବ ଓ ପଣସ ଗଛ ନଷ୍ଟ ହୋଇଛି। ହାତୀମାନେ ଗଛରୁ ପାଚିଲା ଆମ୍ବ ଖାଇବା ସହ ଗଛଗୁଡ଼ିକ ଭାଙ୍ଗି ଦେଇଛନ୍ତି। ସେହିପରି ଗ୍ରାମର ପ୍ରାଣବନ୍ଧୁ ନାଏକଙ୍କ ଆମ୍ବ ବଗିଚାରେ ପଶି ହାତୀପଲ କ୍ଷତି ଘଟାଇଛନ୍ତି। ଏହି ହାତୀ ପଲରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ହାତୀ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଲାବଣ୍ୟବତୀ ବେନେଫିସିଏସ୍ ପ୍ଲାଣ୍ଟ ପାଇଁ ଜନଶୁଣାଣି

**ଟେନ୍ସା,୮।୬(ଡି.ଏନ.ଏ.):** ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ଲାବଣ୍ୟବତୀ ମିନେରାଲସ ପ୍ରାଇଭେଟ ଲିମିଟେଡ୍ ବେନେଫିସିଏସ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଜନଶୁଣାଣି ଅନୁଷ୍ଠିତ। ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ ପାଟମୁଣ୍ଡା ଗ୍ରାମରେ ମେସର୍ସ ଲାବଣ୍ୟବତୀ ମିନେରାଲସ ପ୍ରାଇଭେଟ ଲିମିଟେଡ୍ ପ୍ରସ୍ତାବକ ଏହି ଜନଶୁଣାଣି ବୁଧବାର ପାଟମୁଣ୍ଡା ଗ୍ରାମସ୍ଥିତ ଦିନ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀରେ ସୁନ୍ଦରଗଡ଼ ଜିଲା ଅତିରିକ୍ତ ଜିଲାପାଳ ଶିବ ଶଙ୍କର ଟପ୍ପୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ବିନୋଦ ବିହାରୀ ଦାସ, କୋଇଡା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ ପ୍ରମୁଖ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବେନେଫିସିଏସ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଲାବଣ୍ୟବତୀ ମିନେରାଲସ ପରିଚାଳକ ଅଭିମନ୍ୟୁ ବେହେରା ଅବଗତ କରାଇବା ପରେ ଜନସାଧାରଣଙ୍କ ଠାରୁ ମତାମତ ଲୋଡ଼ା ଯାଇଥିଲା। ଜନସାଧାରଣ ପକ୍ଷରୁ ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ସ୍ଥାନୀୟ ସରପଞ୍ଚ ସିୟନ ବାଗେ, କୋଇଡା 'ଖ' ଜିଲାପରିଷଦ ଅଶୋକ ନାଏକ, ପୂର୍ବତନ ସରପଞ୍ଚ ଅଭିନାଶ ସୁମନ ବାଗେ, ପାଟମୁଣ୍ଡା ଗ୍ରାମର ମେଲେରୀ ବାରିକ କ୍ରିଷ୍ଟା ବାରିକ, ବିଦ୍ୟାଧର ବାରିକ, ପ୍ରଫୁଲ୍ଲ ବାରିକ, ଯଶୋଦା ବାରୁକ, ଗୀତାରାଣୀ ବାରିକ, କୁନ୍ତୀ ବାରିକ, ସାବିତ୍ରୀ ବାରିକ, ଘନଶ୍ୟାମ ପାତ୍ରଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଜନସାଧାରଣ କମ୍ପାନୀ ସପକ୍ଷରେ ମତାମତ ଦେଇଥିଲେ। ଏହା ସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ, ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ଖେଳପଡ଼ିଆର ଉନ୍ନତିକରଣ, ଅଧିକ ବୃକ୍ଷ ରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ଆଦିକୁ ଗ୍ରାମବାସୀ ଦାବି କରିଥିଲେ। କମ୍ପାନୀ ଚାଲିଲେ ନିୟମ ଅନୁଯାୟୀ ଗ୍ରାମର ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ଲାବଣ୍ୟବତୀ ମିନେରାଲସ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ। ଲାବଣ୍ୟବତୀ ମିନେରାଲସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା, ଜି.ଏମ ଅମୀୟ କୁମାର ନାୟକ, ମ୍ୟାନେଜର ଦେବେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ଲାଞ୍ଜିଗଡ,୮।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ୨୬ଟି ପଞ୍ଚାୟତର ଉନ୍ନତି ପଞ୍ଚାୟତ ପକ୍ଷରୁ ରାସ୍ତା ପାର୍ଶ୍ୱରେ ନିର୍ମିତ ୬ଟି ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଯାଇଛି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ବିଜେପୁର ପଞ୍ଚାୟତ ଗସ୍ତରେ ଆସି ଏହି ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାର ପଞ୍ଚାୟତର ଉନ୍ନତି ପାଇଁ ଅନେକ ଯୋଜନା କରିଥିବା ବେଳେ ଏହି ଯୋଜନା ସବୁକୁ କିଭଳି ସଫଳ ରୁପାୟନ ଦିଆଯିବ ସେ ଦିଗରେ ବିଜେପୁର ପଞ୍ଚାୟତ କର୍ତ୍ତୃପକ୍ଷ ଚେଷ୍ଟା କରିଛନ୍ତି ବୋଲି ଉଦଘାଟନୀ ଉତ୍ସବରେ ବିଧାୟକ କହିଥିଲେ। ଜିଲା ପରିଷଦ ସଦସ୍ୟ ପରକ୍ଷିତ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଜନଶୁଣାଣି ବର୍ଜନ କଲେ ଗ୍ରାମବାସୀ

**ସୁନ୍ଦରଗଡ଼,୮।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିରି ବ୍ଲକରେ ବେଦାନ୍ତ କମ୍ପାନୀକୁ ଆବଣ୍ଟିତ ହୋଇଥିବା ଜାମକାନୀ କୋଇଲା ଖଣି ପାଇଁ ବୁଧବାର ପ୍ରଶାସନ ପକ୍ଷରୁ ଆହୁତ ଜନଶୁଣାଣି ହୋଇପାରିନାହିଁ। ଜାମକାନୀ ବିଦ୍ୟାଳୟଠାରେ ଜନଶୁଣାଣି କରିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ମାତ୍ର ବିନା ଗ୍ରାମସଭାରେ କିପରି ଜନଶୁଣାଣି କରାଯିବ ଦାବି ରଖିଥିବା ଗ୍ରାମବାସୀ ଜନଶୁଣାଣି ସ୍ଥାନକୁ ଆସି ନ ଥିଲେ। ଏକ ପ୍ରକାର ଏହାକୁ ବର୍ଜନ କରିଥିଲେ। ପ୍ରକାଶ ଯେ, ପ୍ରଥମେ୨୦୦୬ରେ ଭୂଷଣ କମ୍ପାନୀକୁ ଏହି କୋଲ ବ୍ଲକ ମିଳିଥିଲା। ଏଥିପାଇଁ ସେତେବେଳେ ପ୍ରଶାସନ ପକ୍ଷରୁ କମ୍ପାନୀ ଆବଶ୍ୟକ କରୁଥିବା ୨୫୦୦ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ସରିଥିଲା। ପରବର୍ତ୍ତୀ ସମୟରେ ଭୂଷଣ କମ୍ପାନୀକୁ ଆବଣ୍ଟିତ କୋଲ ବ୍ଲକ ହେବା ପରେ ଏବେ ଏହା ବେଦାନ୍ତ କମ୍ପାନୀକୁ ମିଳିଛି। ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା ଝାରପଲମ ପଞ୍ଚାୟତର ଜାମକାନୀ, ଗିରିସୀମା, ମେଣ୍ଡ୍ରା ଗ୍ରାମକୁ ଭୂଷଣ ପାୱାର କମ୍ପାନୀ ପାଇଁ ଅଧିଗ୍ରହଣ କରାଯାଇଥିଲା। ବେଦାନ୍ତ ପାଇଁ ନୁହେଁ,ଏହି ଗ୍ରାମସଭା ବେଦାନ୍ତ ପାଇଁ କରାଯାଇ ନ ଥିଲା। ଯେହେତୁ ପଞ୍ଚମ ଅନୁସୂଚି ଅଞ୍ଚଳ ଭାବେ ଏହା ଅପରିହାର୍ଯ୍ୟ ତେଣୁ ପ୍ରଥମେ ଗ୍ରାମସଭା କରାଯାଇ ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗ ଶୁଣାଯାଇ ନାହିଁ। ଇଡ଼କୋ କେଉଁ ଆଧାରରେ ଜାମକାନୀ ଖଣି ବେଦାନ୍ତକୁ ହସ୍ତାନ୍ତର କରିଛି ତାର ସବିଶେଷ ତଥ୍ୟ ଗ୍ରାମବାସୀ ଜାଣିବାକୁ ଦାବି ରଖିଥିଲେ। ଏହି ଜନଶୁଣାଣି ପାଇଁ ପ୍ରଶାସନ ପକ୍ଷରୁ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ହେମଗିର ତହସିଲଦାର ଭିକ୍ଟୋରିଆ ଟପ୍ପୋ, ସଦର ଉପଖଣ୍ଡ ପୋଲିସ ଅଧିକାରୀ ମଧୁସିକ୍ତା ମିଶ୍ର, ହେମଗିର ଥାନା ଅଧିକାରୀ ରମାକାନ୍ତ ସାଏ, ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ପ୍ରମୁଖ ଯୋଗଦେଇଥିଲେ। ଦିନ ଦୁଇଟା ପର୍ଯ୍ୟନ୍ତ ପ୍ରଶାସନର ଅଧିକାରୀମାନେ ଅପେକ୍ଷା କରି ରହିଥିଲେ କିନ୍ତୁ କୌଣସି ଗ୍ରାମବାସୀ ନ ଆସିବାରୁ ସେମାନେ ଫେରିଆସିଥିଲେ। ଏ ସମ୍ପର୍କରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରେ ଏହି କୋଲ ବ୍ଲକ ସକାଶେ ପୂର୍ବରୁ ଜମି ଅଧିଗ୍ରହଣ କାର୍ଯ୍ୟ ସରିଛି। ବିସ୍ଥାପିତ ପରିବାରଙ୍କୁ ସରକାରୀ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ କ୍ଷତିପୂରଣ ମଧ୍ୟ ମିଳିସାରିଛି। ଭୂଷଣ କମ୍ପାନୀ ପରେ ବେଦାନ୍ତ କମ୍ପାନୀକୁ ଏହି କୋଲ ବ୍ଲକ ମିଳିଥିବାରୁ ପ୍ରଶାସନ ପକ୍ଷରୁ ବିସ୍ଥାପିତ ପରିବାରଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଏକ ଆଲୋଚନା ବୈଠକ ଡକାଯାଇଥିଲା। ବୈଠକକୁ ଆସି ନ ଥିବାବେଳେ ଗ୍ରାମବାସୀ ଲିଖିତ ଭାବେ ତାଙ୍କର କୌଣସି ଦାବି କିମ୍ବା ଅଭିଯୋଗ ଦେଇନାହାନ୍ତି।

### ଦେବଗଡ଼ ପୌରାଧ୍ୟକ୍ଷାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ



ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିବା କାର୍।

**ଦେବଗଡ଼/ଛେଣ୍ଡିପଦା,୮।୬(ଡି.ଏନ୍.ଏ./ସ୍ୱ.ପ୍ର.)**

ଭୁବନେଶ୍ୱରରୁ ଦେବଗଡ଼ ଫେରୁଥିବା ବେଳେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିଲତା ଦେଇଙ୍କ କାର୍ ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାମୁରିଆ ରୁଗୁଡ଼ିସାହି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ପୌରାଧ୍ୟକ୍ଷା ଓ ତାଙ୍କ ପରିବାର ସଦସ୍ୟ ଥିଲେ ମଧ୍ୟ କାହାରି କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ପରିବାର ସଦସ୍ୟଙ୍କୁ ନେଇ ପୌରାଧ୍ୟକ୍ଷା ଏକ କାର୍‌ରେ ଫେରୁଥିବା ବେଳେ ଛେଣ୍ଡିପଦା–ଦେବଗଡ଼ ଜାତୀୟ ରଜପଥ ୧୫୩ (ବି)ର ମାମୁରିଆ ରୁଗୁଡି ସାହି ହମ୍ପସ ନିକଟରେ ଗାଡ଼ି ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳରେ କାର୍ ରାସ୍ତା ପାର୍ଶ୍ୱରେ ଥିବା ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି କାର ଉପରେ ପଡିଥିଲେ ହେଁ ପୌରାଧ୍ୟକ୍ଷା, ତାଙ୍କ ପରିବାର ସଦସ୍ୟ ଓ ଚାଳକ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତି ଯାଇଥିଲେ। ତେବେ ଦୁର୍ଘଟଣା ଯୋଗୁ ବିଦ୍ୟୁତ୍ ସରବରାହ ଦୀର୍ଘସମୟ ଧରି ବନ୍ଦ ହୋଇଯାଇଥିଲା। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ବଡ଼ଗାଁ, ୮।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସଭାଗୃହରେ ବୁଧବାର ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ସହ ଯୋଜନାର ପରିଚାଳନା ଉପରେ ପଚାରିବୁଝିଥିଲେ। ସଭା ଆରମ୍ଭରେ କର୍ମଚାରୀମାନେ ପରିଚୟ ପ୍ରଦାନ କଲା ପରେ ଅଧ୍ୟକ୍ଷା ପ୍ରଧାନ କହିଥିଲେ, ଅନେକ ଗୁଡ଼ିଏ କାମ ଦୀର୍ଘମାସ, ବର୍ଷ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ଦେଖାଯାଇଛି। ଏହା ଉପରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଇ ଶୀଘ୍ର କାମ ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ଏହା ପରେ ସିଡିପିଓ, ବ୍ଲକ ଶିକ୍ଷା ଅଧିକାରୀ, କୃଷି ଅଧିକାରୀ, ଏପିଓ, ଜଳ ଓ ପରିମଳ ଯନ୍ତ୍ରୀଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଜନା ଓ କାର୍ଯ୍ୟ ପରିଚାଳନା ଉପରେ କହିବା ସହ ସମସ୍ୟା ଜଣାଇଥିଲେ। ବ୍ଲକ ଅଫିସରେ କାର୍ଯ୍ୟ ସମୀକ୍ଷା କଲା ପରେ ବଡ଼ଗାଁ ଡିଗ୍ରୀ କଲେଜକୁ ଯାଇ ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିଥିଲେ। ଡିଗ୍ରୀ କଲେଜର ଅସମ୍ପୂର୍ଣ୍ଣ ଥିବା ବାଳିକା ହଷ୍ଟେଲ ବୁଲି ଦେଖିବାବେଳେ ପ୍ରିନ୍ସପାଲ କ୍ଲାସ ରୁମ୍ ଅଭାବ ଥିବା ଜଣାଇଥିଲେ। ଯୁକ୍ତ ଦୁଇ କଲେଜରେ କମନ ରୁମ୍, ବାଇକ ଷ୍ଟାଣ୍ଡ,



ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ବିଭିନ୍ନ କାର୍ଯ୍ୟ ଦେଖୁଛନ୍ତି।

ପେଣ୍ଡାଲ, ଅସମ୍ପୂର୍ଣ୍ଣ ଥିବା ପାଚେରୀ ପାଇଁ କଲେଜ ପ୍ରିନ୍ସିପାଲ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପରେ ଅଧ୍ୟକ୍ଷା ପ୍ରଧାନ ଚଲନାମୁଣ୍ଡା ପଡାରେ ୩ବର୍ଷ ହେଲା ଭଙ୍ଗା ଅବସ୍ଥାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଦେଖି ଶୀଘ୍ର ନୂତନ କେନ୍ଦ୍ର ନିର୍ମାଣ ପାଇଁ ସିଡିପିଓ ଏବଂ ବିଡ଼ିଓଙ୍କୁ କହିଥିଲେ। ଲଟାପଡ଼ାର ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ, ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଜୟ ହିନ୍ଦ କ୍ଲବ ଦେଖିଲାବେଳେ ସ୍ଥାନୀୟ ଗ୍ରାମବାସୀ ଦୁର୍ଗା ମଣ୍ଡପ ପରିସରରେ ରୋଷଶାଳ, ଶୌଚାଳୟ, ଉଚ୍ଚ ପାଚେରୀ ନିର୍ମାଣ ପାଇଁ କହିଥିଲେ। ସେଠାରୁ ସେ ସଫେଇ ନଦୀର ପରିସ୍ଥିତି ଜାଣିବା ପାଇଁ ଯାଇଥିଲେ। ନଦୀକୁ ସୁରକ୍ଷା ଦେବାର ଆବଶ୍ୟକତା ଥିବା ପ୍ରକାଶ କରିଥଲେ। ସେଠାରେ ବଡ଼ଗାଁର ଯୁବ ଚାଷୀ ବ୍ରହ୍ମାନନ୍ଦ ପାଣିଗ୍ରାହୀ ନଦୀରେ ବେରେଜ ନିର୍ମାଣ ନ କଲେ ମେଗା ଜଳସେଚନ ପ୍ରକଳ୍ପ ମୂଲ୍ୟହୀନ ହେବ ବୋଲି ଜଣାଇଥିଲେ। ଏହି କାର୍ଯ୍ୟ ସମୀକ୍ଷା ଓ ପରିଦର୍ଶନରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଦୁଲାରି ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସୋନାଲି ହେସ, ବିଡ଼ିଓ କ୍ଷମାନିଧି ଭୋଇ, ବଡ଼ଗାଁ ସମିତି ସଭ୍ୟ ସାରିକା କେରକେଟାଙ୍କ ସହିତ ବିଜେଡ଼ିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦେବଗଡ଼ରେ ଚିନାବାଦାମ ମଣ୍ଡି ଉଦ୍‌ଘାଟିତ

**ଦେବଗଡ଼,୮।୬(ଡି.ଏନ୍.ଏ.)**

ଦେବଗଡ଼ ଜିଲାରେ ଚିନାବାଦାମର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ବୁଧବାର ଉଦ୍‌ଘାଟିତ ହୋଇଯାଇଛି ଚିନାବାଦାମ ମଣ୍ଡି। ବାରକୋଟ ବ୍ଲକ ଦଣ୍ଡାସିଂହା ପଞ୍ଚାୟତଠାରେ ମାର୍କଫେଡ଼ ପକ୍ଷରୁ ବାରକୋଟ ଫେଡ଼ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଜରିଆରେ କୁଇଣ୍ଟାଲ ପ୍ରତି ୫ହଜାର ୫ ଶହ ୫୦ ଟଙ୍କା ଦରରେ ଚିନାବାଦମ କ୍ରୟ ଆରମ୍ଭ କରାଯାଇଛି। ବୁଧବାର ପୂର୍ବାହ୍ନରେ ଦଣ୍ଡାସିଂହା ପଞ୍ଚାୟତ ରାଜୀବ ସେବା କେନ୍ଦ୍ରଠାରେ ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ କେ. ଆର୍ ରାଓ, ଦଣ୍ଡାସିଂହା ସରପଞ୍ଚ କ୍ଷୀରଦିନି ପ୍ରଧାନ, ମାର୍କଫେଡ଼ ଏରିଆ ମ୍ୟାନେଜର ପ୍ରଫୁଲ୍ଲ କୁମାର ସାହୁ, ବ୍ଲକ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ବାରକୋଟ ତହସିଲଦାର ରୁବି ବେହେରା, ବାରକୋଟ ଫେଡ଼ ଫାର୍ମର୍ସ ପ୍ରଡ୍ୟୁସର ନିର୍ଦ୍ଦେଶକ ଦେବାନନ୍ଦ ଜିତ ଓ କ୍ଲଷ୍ଟର ମ୍ୟାନେଜର ଅରୁଣ କୁମାର ଟାଲି ପ୍ରମୁଖ ଉପସ୍ଥିତ ରହି ଫିତା କାଟିବା ସହ ମଣ୍ଡିର ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡି ଖୋଲିବା ପରେ ସ୍ଥାନୀୟ ଅଞ୍ଚଳର ଚିନାବାଦାମ ଚାଷୀ ଖୁସି ବ୍ୟକ୍ତ କରିଥିବାବେଳେ ବର୍ତ୍ତମାନ ଅଞ୍ଚଳର ଚାଷୀ ଅଭାବୀ ବିକ୍ରିରୁ ମୁକ୍ତ ହୋଇ ନିଜ ପରିଶ୍ରମର ଉପାର୍ଜିତ ଫସଲର ଉଚିତ ମୂଲ୍ୟ ପାଇଥିବା ପ୍ରକାଶ କରିଛନ୍ତି।

## କୁତ୍ରା ଲ୍ୟାମ୍ପସରେ ବେଆଇନ ନିର୍ବାଚନ ପରିଚାଳନା ନେଇ ଅଭିଯୋଗ

**କୁତ୍ରା, ୮।୬ ( ଡି.ଏନ.ଏ)**

ଆସନ୍ତା ୨୬ ତାରିଖ ସମବାୟ ସମିତିର ନିର୍ଦ୍ଦେଶକ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନେଇ ଚାରିଆଡେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ତେବେ ସୁନ୍ଦରଗଡ ଜିଲା କୁତ୍ରା ସମବାୟ ସମିତିରେ ଏକ ଅନ୍ୟ ପ୍ରକାରର ମାହୋଲ ସରଗରମ ଦେଖିବାକୁ ମିଳିଛି। ଏଠାରେ ମନମୁଖୀ ଭାବେ ପ୍ରାର୍ଥିପତ୍ର ନାକଜ କରିଥିବା ନେଇ ଅଭିଯୋଗ ହେଉଛି। କୁତ୍ରା ସମବାୟ ସମିତି ଅଧିନରେ ରହିଛନ୍ତି ୧୫୨୫ ଜଣ ଭୋଟର। ସେଥିରେ ରହିଛି ୧୫ଟି ଜୋନ। ଏହି ୧୫ ଟି ଜୋନ ପାଇଁ ପ୍ରଥମ ଓ ଦ୍ୱିତୀୟ ଜୋନ ଅଣସଂରକ୍ଷିତଙ୍କ ପାଇଁ ରହିଥିବା ବେଳେ ତୃତୀୟରୁ ୧୧ ଜୋନ ପାଇଁ ଆଦିବାସୀ ରହିଛି ଏବଂ ୧୨ ରୁ ୧୫ ଜୋନ ପାଇଁ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ତେବେ ଏହି ୧୫ଟି ଜୋନ ପାଇଁ ସମୁଦାୟ ୩୧ ଜଣ ଫର୍ମ ନେଇଥିବାବେଳେ ୨୬ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ୧୦ ଜଣଙ୍କର ପ୍ରାର୍ଥିପତ୍ର ନାକଚ ହୋଇଛି। ତେବେ ୧୫ଟି ଜୋନ ମଧ୍ୟରୁ ୧୪ ଜଣ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। କେବଳ ୩ ନମ୍ବର ଜୋନରେ ଦୁଇଜଣ ମଙ୍ଗଳ କୁଜୁର ଓ ଶଙ୍କରପ୍ରଶାଦ ଟପ୍ପୋଙ୍କ ମଧ୍ୟରେ ନିର୍ବାଚନ ହେବ। ତେବେ ଏହାକୁ ନେଇ କୁତ୍ରା ଗ୍ରାମ ପଞ୍ଚାୟତର ଆଶାୟୀ ସଭ୍ୟାସଭ୍ୟ ଓ ଗ୍ରାମବାସୀଙ୍କ ତରଫରୁ କୁତ୍ରା ଲ୍ୟାମ୍ପସରେ ବେଆଇନ ନିର୍ବାଚନ ପରିଚାଳନା ତଥା ବେଆଇନ କାର୍ଯ୍ୟ ଚାଲିଥିବା ଅଭିଯୋଗ କରିଛନ୍ତି। ସମବାୟ ସମିତିର କର୍ମଚାରୀମାନେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସହମତି ଜଣାଉଥିବାବେଳେ ଅନ୍ୟମାନଙ୍କୁ ଆକ୍ରୋଶମୂଳକ ଭାବେ ପ୍ରାର୍ଥିପତ୍ର ନାକଜ କରିଥିବା ଅଭିଯୋଗ ହେଉଛି। ଏମାନଙ୍କ ଅଭିଯୋଗ ଗୁଡିକ ହେଲା କୁତ୍ରା ସମବାୟ ସମିତିରେ ବାର୍ଷିକ ସାଧାରଣ ସଭା ବହିରେ ଉପସ୍ଥିତ ନ ଥିବା ବ୍ୟକ୍ତିଙ୍କ ବେଆଇନ ଦସ୍ତଖତ କରାଯାଇଛି । ସଭାପତି ଓ ଉପ ସଭାପତି ସଭ୍ୟାସଭ୍ୟ ଚୟନ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସମର୍ଥନ କରାଯାଉଛି। ନିର୍ବାଚନ ପ୍ରକ୍ରିୟା ଚାଲୁଥିବା ସମୟରେ ଅଧିକାରୀ କୌଣସି ଦିନ ଠିକ ସମୟରେ ଉପସ୍ଥିତ ରହିନାହାନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଫର୍ମ ପୂରଣ କରିବାରେ ସହାୟତା କରି ଅନ୍ୟ ଗୋଷ୍ଠୀଙ୍କ ଫର୍ମ ନାକଚ କରିଦେଇଛନ୍ତି । ସମବାୟ ସମିତିର କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସମର୍ଥନ କରି ବେଆଇନ ଭାବେ ସଭ୍ୟ, ସଭ୍ୟାଙ୍କ ଆବେଦନପତ୍ରର ତଥ୍ୟ ବାହାରେ ପ୍ରଘଟ କରିବା ଏବଂ ନିଜ ଗୋଷ୍ଠୀର ଭୁଲ ତଥ୍ୟଗୁଡ଼ିକୁ ସୁଧାରିବାରେ ସାହାଯ୍ୟ କରୁଛନ୍ତି । ସମବାୟ ସମିତିର ଅଧିକାରୀଙ୍କୁ ନିର୍ବାଚନ ପ୍ରକ୍ରିୟା ବିଷୟରେ ପଚାରିଲେ କିଛି ଜାଣିନାହିଁ ବୋଲି କହୁଛନ୍ତି । ଅଧିକାରୀଙ୍କୁ ପଚାରିଲେ କିଛି କହୁନାହାନ୍ତି। ଏଭଳି ଭାବେ ସୁନ୍ଦରଗଡ ସମବାୟ ସଂସ୍ଥାର ଉପ ପଞ୍ଜିକରଣ ଅଧିକାରୀଙ୍କୁ ଦାବି ଜଣାଇ ଏହାର ସମାଧାନ ନହେଲେ କୁତ୍ରା ସମବାୟ ସମିତିକୁ ଅଚଳ କରିବେ ବୋଲି ପ୍ରକାଶ କରିଛନ୍ତି ଗ୍ରାମବାସୀ।

# ୫ ଜିଲାର ୪୪୫ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର,୮।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୫ ଜିଲାର ୪୪୫ଟି ସ୍କୁଲକୁ ଲୋକାର୍ପିତ କରିଛନ୍ତି। ବାଲେଶ୍ୱର ଜିଲାର ୧୩୫ ହାଇସ୍କୁଲ, ପୁରୀର ୯୫, ନୟାଗଡ଼ର ୬୦, ଜଗତ୍‌ସିଂହପୁରର ୭୫ ଓ ଭଦ୍ରକର ୮୦ ହାଇସ୍କୁଲ ଲୋକାର୍ପିତ ହୋଇଛି। ସୂଚନାଯୋଗ୍ୟ ଯେ ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୨୧୦୮ଟି ହାଇସ୍କୁଲର ରୂପାନ୍ତର ହୋଇଛି।

ଏହି ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍କୁଲ ଆଜି ଯେଉଁ ନୂଆ ରୂପ ନେଇଛି, ତାହା ପିଲାମାନଙ୍କ ଭିତରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି। ରୂପାନ୍ତର ସେମାନଙ୍କ ମାନସିକ ସ୍ତରରେ ମଧ୍ୟ ପରିବର୍ତ୍ତନ ଆଣିଛି। ସେମାନେ ଆଗ ଅପେକ୍ଷା ଅଧିକ ଆତ୍ମବିଶ୍ୱାସର ସହ ନୂଆ ଆଶା ଓ ସଂକଳ୍ପ ନେଇ ଆଗକୁ ବଢୁଛନ୍ତି। ଏହା ଓଡ଼ିଶାର ଭବିଷ୍ୟତ ପାଇଁ ଏକ ଶୁଭ ସଙ୍କେତ। ସ୍କୁଲ ସମୟ ଜୀବନର ଶ୍ରେଷ୍ଠ ସମୟ। ତେଣୁ ପାଠ ହେଉ ବା ଖେଳ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପିଲାଙ୍କ ଆଖିରେ ଥାଏ ସୁନ୍ଦର ଭବିଷ୍ୟତର ସ୍ୱପ୍ନ। ଜୀବନରେ କିଛି ବଡ଼ କରିବାର ସ୍ୱପ୍ନ । ସ୍କୁଲ ରୂପାନ୍ତର ପିଲାମାନଙ୍କ ଏ ସ୍ୱପ୍ନରେ ଡେଣା ଯୋଡ଼ିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ପିଲାମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛି। ତେଣୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କ ସ୍ୱପ୍ନ ସାକାର ହେଲେ, ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବ ଓ ନୂଆ ଓଡ଼ିଶା ଗଠନର ଭିତ୍ତି ସ୍ଥାପିତ ହେବ। ଜୀବନର ଏ ଗୁରୁତ୍ୱପୂର୍ଣ୍ଣ ସମୟକୁ ଠିକ୍ ଭାବରେ ଉପଯୋଗ କର ଏବଂ ନିଜ ପାଇଁ, ନିଜ ପରିବାର ପାଇଁ ଓ ପ୍ରିୟ ଓଡ଼ିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚମ ଦିବସରେ ମୁଖ୍ୟମନ୍ତ୍ରୀ ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରି ପିଲାମାନଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ପିଲାଙ୍କ ଖୁସି ଓ ମନୋଭାବରୁ ଏହା ସ୍ପଷ୍ଟ ଜଣାଯାଇଛି। ସମସ୍ତେ ସ୍କୁଲର ନୂଆ ପରିବେଶରେ ବେଶ୍ ଖୁସି ହେବା ସହିତ ସ୍କୁଲ ଏବେ ଘର ଅପେକ୍ଷା ସେମାନଙ୍କ ପାଇଁ ଅଧିକ ପସନ୍ଦର ସ୍ଥାନ ବୋଲି ପ୍ରକାଶ କରିଛନ୍ତି।

ଏହି ଅବସରରେ ଆଲୋଚନାରେ ଭାଗ ନେଇ ବାଲେଶ୍ୱରରୁ ପ୍ରଜ୍ଞାସ୍ମିତା, ପୁରୀରୁ ସ୍ୱୟଂସ୍ନିଗ୍ଧା, ନୟାଗଡ଼ରୁ ପ୍ରତ୍ୟାଶା, ଜଗତ୍‌ସିଂହପୁରରୁ ବିଦୁଜା ଓ ଭଦ୍ରକରୁ ସୋନାଲି ଆଦି ଛାତ୍ରୀଛାତ୍ର ସେମାନଙ୍କ ବକ୍ତବ୍ୟରେ ସ୍କୁଲ ରୂପାନ୍ତର ବିଷୟରେ ସେମାନଙ୍କ ଅନୁଭବ ବର୍ଣ୍ଣନା କରିଥିଲେ। ବେସରକାରୀ ସ୍କୁଲଠାରୁ ଆମ ସ୍କୁଲ ଏବେ ବହୁ ଆଗରେ ବୋଲି ପିଲାମାନେ ମତ ଦେଇଥିଲେ। ଏ ରୂପାନ୍ତର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସ୍କୁଲ ମ୍ୟାନେଜମେଣ୍ଟ କମିଟି, ପଞ୍ଚାୟତ ପ୍ରତିନିଧି, ପୁରାତନ ଛାତ୍ର ସଂସଦ, ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଅରୁଣ କୁମାର ସାହୁ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଓ ବିଧାୟକ ବ୍ୟୋମକେଶ ରାୟ ପ୍ରମୁଖ ସେମାନଙ୍କ ଭାଷଣରେ ସ୍କୁଲ ରୂପାନ୍ତର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି ମତ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।



ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ବୁଧବାର ଲେଫ୍ରିପଡ଼ା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଦିବାସୀ ଭଉଣୀଭାଇମାନଙ୍କୁ ପାରମ୍ପରିକ ବାଦ୍ୟଯନ୍ତ୍ର ଓ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରୁଛନ୍ତି।

# ଦିଲୀପଙ୍କ ପ୍ୟାନେଲ ଆଗରେ ୩ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଅର୍ବାନ କୋଅପରେଟିଭ ନିର୍ବାଚନ**

■ ଆଦିତ୍ୟଙ୍କ ପ୍ୟାନେଲରେ ସଭାପତିକୁ ନେଇ ଚର୍ଚ୍ଚା

**ରାଉରକେଲା ଅଫିସ,୮।୬**

ରାଜ୍ୟ ସମବାୟ ନିର୍ବାଚନ କମିଟିର ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଥିବା ବିଭିନ୍ନ ସମବାୟ ବ୍ୟାଙ୍କ ଓ ଅର୍ବାନ–କୋଅପରେଟିଭ ବ୍ୟାଙ୍କରେ ଆସନ୍ତା ଜୁନ ୧୯ ଓ ୨୦ ତାରିଖରେ ନିର୍ବାଚନ ହେବ ବୋଲି ଘୋଷଣା ହୋଇଛି। ଆସନ୍ତା ୧୯ ତାରିଖ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାଉରକେଲାର ୨୦,୯୯୦ ଭୋଟର ୩୦ଟି ବୁଥିରେ ନିଜର ମତଦାନ ପ୍ରଦାନ କରିବେ। ଭୋଟର ମାନଙ୍କ ପାଇଁ ୪ଟି ସ୍ଥାନରେ ଭୋଟ କେନ୍ଦ୍ର କରାଯାଇଛି। ସେଥି ମଧ୍ୟରୁ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ଉଦିତନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଉରକେଲା ମ୍ୟୁନସିପାଲ କଲେଜ ଓ ଉଦିତନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୋଟ ପ୍ରଦାନ କରାଯିବ। ଏହି ନିର୍ବାଚନ ପ୍ରକ୍ରିୟା କରୋନା ମହାମାରୀ ଯୋଗୁ ଦୀର୍ଘ ୨ ବର୍ଷ ଧରି ହୋଇ ନଥିବାରୁ ରାଉରକେଲା ଏଡିଏମ୍ ଉକ୍ତ ଦାୟିତ୍ୱ ବହନ କରିଥିଲେ। ଚଳିତ ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବା ପାଇଁ ପାନପୋଷ ଉପଜିଲାପାଳଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ରାଉରକେଲା ଅର୍ବାନ–କୋଅପରେଟିଭ ବ୍ୟାଙ୍କରେ ୧୫ ଜଣ ନିର୍ଦ୍ଦେଶକ ପଦବୀ ପାଇଁ ୩୬ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ କରିଥିଲେ। ସେଥି ମଧ୍ୟରୁ ଆଦିତ୍ୟ ମହାପାତ୍ର ପ୍ୟାନେଲ ଓ ଦିଲୀପ ମହାପାତ୍ର ପ୍ୟାନେଲ ମଧ୍ୟରେ କଡା ଟକ୍କର ହେବ ବୋଲି ଆଶା କରାଯାଇଥିଲା । କିନ୍ତୁ ଦିଲୀପଙ୍କ ପ୍ୟାନେଲରେ ଥିବା ୩ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବା ପରେ ଆଦିତ୍ୟଙ୍କ ପ୍ୟାନେଲରେ ଚିନ୍ତାର ବିଷୟ ପାଲିଟିଛି। ଦିଲ୍ଲୀପଙ୍କ ପ୍ୟାନେଲରେ ୱାର୍ଡ ନଂ–୧ରୁ କୃଷ୍ଣ ପଟ୍ଟନାୟକ, ୱାର୍ଡନଂ–୭ରେ ଶଙ୍କର ଜେନା ଓ ୱାର୍ଡନଂ୧୫ରେ ସୁଜିତ ଦାସ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଫଳରେ ଖୋଦ୍ ଆଦିତ୍ୟଙ୍କ ପ୍ୟାନେଲରେ ଆଦିତ୍ୟ ମହାପାତ୍ର ପ୍ରାର୍ଥୀଭାବେ ଆବେଦନ କରିଥିବାବେଳେ ତାଙ୍କ ନାମରେ ଟିଏ ବିଲ ଖିଲାପକାରୀ ଓ ଅନ୍ୟ ପ୍ରାର୍ଥୀ ସୁଦର୍ଶନ ମିଶ୍ରଙ୍କ ନାମରେ ରାଉରକେଲା ଅର୍ବାନ ବ୍ୟାଙ୍କରେ ଚୁକ୍ତିନାମା କରି ଇନ୍ସ୍ୱରାନ୍ସ ବୀମା କରୁଥିବା ଅଭିଯୋଗ ପାଇଁ ପ୍ରାର୍ଥୀପତ୍ର ପାନପୋଷ ଉପଜିଲାପାଳ ଖାରଚ କରି ଦେଇଛନ୍ତି। ସେହିଭଳି ଅନ୍ୟ ଜଣେ ପ୍ରାର୍ଥୀ ସୁକାନ୍ତ ମହାପାତ୍ର ଓ ଲକ୍ଷ୍ମୀଧର ପାଣିଗ୍ରାହୀ ନିଜ ପ୍ରାର୍ଥୀପତ୍ରକୁ ପ୍ରତ୍ୟାହାର କରି ନେଇଥିଲେ। ଫଳରେ ଦିଲ୍ଲୀପଙ୍କ ପ୍ୟାନେଲରେ ୩ଜଣ ପ୍ରାର୍ଥୀଙ୍କୁ ସିଧାସିଳଖ ଆଗୁଆ ରହିଥିଲେ। ଅନ୍ୟପକ୍ଷେ ଆଦିତ୍ୟଙ୍କ ପ୍ୟାନେଲରେ ସଭାପତି ଭାବେ ଆଦିତ୍ୟଙ୍କୁ ଖାରଚ କରି ଦେଇଥିବାରୁ ଏହି ପ୍ୟାନେଲରେ କିଏ ସଭାପତି ହେବ ବୋଲି ଭାଳେଣି ପଡିଛି। ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଦିଲୀପଙ୍କ ପ୍ୟାନେଲ ମାଠିଆ ଚିହ୍ନ ବାଜି ମାରିବ ବୋଲି ଆକଳନ କରାଯାଉଥିବାବେଳେ ଦଳର ଜଣାଶୁଣା ପ୍ରାର୍ଥୀ ପୂର୍ଣ୍ଣିମା କେରକେଟ୍ଟା, ରବୀନ୍ଦ୍ର ନାଥ ପଣ୍ଡା, ଶକ୍ତେଶ୍ୱର ପାତ୍ର, ଶଳେନ୍ଦ୍ର ମାରୋଠିଆ, ସମରପ୍ରିୟ ତନ୍ତୀ, ବିଜୟ ପ୍ରଧାନ, ଅନୀଲ ସିଂ, ଅନନ୍ତ କୁମାର ଜେନା, ସ୍ମିତା ନାୟକ, ସନ୍ଧ୍ୟାରାଣୀ ରାଉତଙ୍କ ସହ ବିରୋଧରେ ଭାଗ୍ୟଲକ୍ଷ୍ମୀ ପରିଡ଼ା, ସ୍ୱାତିସ୍ମିତା ମହାନ୍ତି, ସେରୋଫିନା ଟପ୍ପୋ, ରାଜୀବ ପ୍ରତିହାରୀ, ତାପସ ପଣ୍ଡା, ପ୍ରଦୀପ ପଟ୍ଟନାୟକ, ଅକ୍ଷୟ ରାଉତ, ପ୍ରଦୀପ ବେହେରା, ଶରତ କୁମାର ପଲେଇ, ପ୍ରେମାନନ୍ଦ ସାମଲ ପ୍ରମୁଖ ମଇଦାନକୁ ଓହ୍ଲାଇଛନ୍ତି। ଏହି ନିର୍ବାଚନରେ ପ୍ରଥମରୁ ଆଦିତ୍ୟଙ୍କ ପ୍ୟାନେଲକୁ ଶକ୍ତ ଝଟକା ଲାଗିଥିବାବେଳେ ଦିଲୀପଙ୍କ ପ୍ୟାନେଲ ନିଜପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଅଣ୍ଟାଭିଡିଥିବା ପରିଲକ୍ଷିତ ହୋଇଛି।

## ସଂକ୍ଷେପରେ

### କଂଗ୍ରେସ ଡିଆରଓଙ୍କ ରାଉରକେଲା ଗସ୍ତ

**ରାଉରକେଲା ଅଫିସ,୮।୬:** ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଦେଶବ୍ୟାପୀ ଚାଲିଥିବା କଂଗ୍ରେସ ସାଙ୍ଗଠନିକ ନିର୍ବାଚନ ପରିପ୍ରେକ୍ଷୀରେ ଜିଲା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ଝା ବୁଧବାର ରାଉରକେଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଡିଆରଓ ଝାଙ୍କୁ ସ୍ୱାଗତ କରାଯାଇ ସାଙ୍ଗଠନିକ ଜିଲାର ସଭ୍ୟ ସଂଗ୍ରହ ଓ ଅନ୍ୟାନ ସାଙ୍ଗଠନିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ଦଳକୁ କିଭଳି ଆଗାମୀ ଦିନରେ ମଜଭୁତ କରିହେବ ସେନେଇ ବିଭିନ୍ନ କର୍ମକର୍ତ୍ତାଙ୍କ ମତାମତ ସଂଗ୍ରହ କରାଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ବିରେନ ସେନାପତି, ସବୀର ହୁସେନ, ଗଣେଶ ପ୍ରଧାନ, ସନ୍ତୋଷ ବିଶ୍ୱାଳ, ନିରୁପମା ମଳିଆରସିଂ, ସରୋଜ ଲେଙ୍କା, ଗଜେନ୍ଦ୍ର ତନ୍ତି, ଜ୍ଞାନେନ୍ଦ୍ର ଦାସ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜୀବନ ରକ୍ଷା ଉପାୟ ବତାଇଲେ ବିଶେଷଜ୍ଞ

**ଝାରସୁଗୁଡ଼ା ଅଫିସ, ୮।୬:** ଜୀବନ ବଞ୍ଚାଇବାର ସହଜ ଉପାୟ ବତାଇଛନ୍ତି ଏନ୍‌ଡିଆର୍‌ଏଫ୍ ବିଶେଷଜ୍ଞ ଓ କର୍ମଚାରୀ। ବୁଧବାର ଜିଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେମାନେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଏ ନେଇ ପ୍ରଶିକ୍ଷଣ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କଟକ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ ଟିମ୍ କମାଣ୍ଡର ୟୁ.କେ. ଦୀକ୍ଷିତ, ମହମ୍ମଦ ଆରାଫତ ଓ ସୁମନ୍ତ କୁମାର ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଘାତପ୍ରାପ୍ତ ଶରୀରର କୌଣସି ଅଙ୍ଗରୁ ରକ୍ତସ୍ରାବ ହେଲେ, ଶରୀରରେ ଧାତବ ପଦାର୍ଥ ପ୍ରବେଶ ଜନିତ ରକ୍ତସ୍ରାବ ହେଲେ, ଶିଶୁ ବା ବୟସ୍କ ବ୍ୟକ୍ତି ଅଚେତ ହେଲେ ଏହାକୁ ସାମ୍ନା କରିବାର କୌଶଳ ସମ୍ପର୍କରେ ବିଶେଷଜ୍ଞମାନେ ବୁଝାଇଥିଲେ।

# ଦୁଗ୍ଧ ଉତ୍ପାଦନ କରିଛି ସ୍ୱାବଲମ୍ବୀ

ବଲାଙ୍ଗୀର ଅଫିସ, ୮।୬

ବଲାଙ୍ଗୀର ଜିଲାରେ କାର୍ଯ୍ୟକାରୀ ହେଉଥିବା ଦୁଗ୍ଧ ବିକାଶ ଯୋଜନା ରାଜ୍ୟର ଏକ ଅଗ୍ରଣୀ କାର୍ଯ୍ୟକ୍ରମ ଭାବେ ଉଭା ହୋଇଛି। ବଲାଙ୍ଗୀର-କଳାହାଣ୍ଡି-ନୂଆପଡା(ବିକେଏନ୍) ସମବାୟ ଦୁଗ୍ଧ ୟୁନିଅନ ଗଠନ ପରେ ଏହି ଅଞ୍ଚଳରେ ଦୁଗ୍ଧ ଉତ୍ପାଦନ ଆଶାତୀତଭାବେ ବଢ଼ିଛି। ଜିଲାର ଏବେ ୧୪ବ୍ଲକରେ ୨୩୦ଟି ଦୁଗ୍ଧ ସମବାୟ କେନ୍ଦ୍ର ରହିଛି। ଏଥିରେ ୧୫ ହଜାର ୩୧୩ରୁ ଊର୍ଦ୍ଧ୍ୱ ଦୁଗ୍ଧଚାଷୀ ପଞ୍ଜୀକୃତ ହୋଇଛନ୍ତି। ଦୈନିକ ୩୧ ହଜାର ୨୫୨ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି। ଦୁଗ୍ଧକ୍ଷେତ୍ରକୁ ଚାଷୀଙ୍କ ଆକର୍ଷଣ ଏବଂ ସଫଳତା ହାର ଦେଖିଲା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଦୁଗ୍ଧ ଶୀତଳୀକରଣ କ୍ଷମତାକୁ ୬୦ ହଜାର ଲିଟରକୁ ବୃଦ୍ଧି କରାଯାଇଛି।

ଜିଲାରେ ୨୦୧୮-୧୯ ମସିହାରେ ମାତ୍ର ୧୬ ହଜାର ୮୦୦ ଲିଟର ଦୁଗ୍ଧ ଉତ୍ପାଦନ ହେଉଥିଲା। ମାତ୍ର ତିନିବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୧-୨୨ ମସିହାରେ ଦୁଗ୍ଧ ଉତ୍ପାଦନ ୩୧ ହଜାର ୨୫୨ ଲିଟରକୁ ବୃଦ୍ଧି ପାଇଛି। ବିକେଏନ୍ ସମବାୟ ଦୁଗ୍ଧ



ପାଟଣାଗଡ ଜାମବାହାଲ ଗ୍ରାମର ମହିଳା ଦୁଗ୍ଧ ସମିତି ଦୁଗ୍ଧ ସଂଗ୍ରହ କରୁଛନ୍ତି।

ୟୁନିଅନ ଜେନେରାଲ ମ୍ୟାନେଜର ସରୋଜ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଚାଷୀମାନେ କ୍ରମାଗତ ସଫଳତା ପାଉଛନ୍ତି। ଜନସଚେତନତା କାର୍ଯ୍ୟକ୍ରମ, ନୂଆ ଦୁଗ୍ଧ ସମବାୟ ସମିତି ଗଠନ, ଅଟୋମେଟିକ ଦୁଗ୍ଧ ସଂଗ୍ରହ ଉପକରଣ ବ୍ୟବହାର, ନୂଆ ଦୁଗ୍ଧମାର୍ଗ ପ୍ରତିଷ୍ଠା, ପୁରୁଣା ଭିତ୍ତିଭୂମି ଓ ଉପକରଣଗୁଡିକର ଉନ୍ନତୀକରଣ ଏବଂ ଦୁଗ୍ଧଚାଷୀଙ୍କ ସିଧାସଳଖ ଭାଗୀଦାରି ଉପରେ ଗୁରୁତ୍ୱାରୋପ କରାଯାଇଛି। ନଗଦ ଟଙ୍କା ନେଣଦେଣ ବଦଳରେ କ୍ୟାଶଲେସ୍ ପଉଣା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ଚାଷୀ ଟଙ୍କା ପାଇବାରେ ବିଳମ୍ବ, ଦୁର୍ନୀତି ବା ବାଟମାରଣାରୁ ମୁକ୍ତି ପାଇଛନ୍ତି। ବୈଷୟିକ ଉପକରଣ ବିନିଯୋଗ କରାଯିବାରୁ ଦୁଗ୍ଧଚାଷ ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିଛି। ପାଟଣାଗଡ଼ ବ୍ଲକ ଜାମବାହାଲ ଗ୍ରାମର ମହିଳା ଦୁଗ୍ଧ ସମବାୟ ସମିତି ଏ ଦିଗରେ ଏକ ସଫଳ ଅନୁଷ୍ଠାନ। ଏଠାକାର ମହିଳାମାନେ ଏବେ ଆର୍ଥିକ ଦିଗରୁ ସଶକ୍ତ ହୋଇଛନ୍ତି। ଡୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା, ବେଲପଡା, ଖପ୍ରାଖୋଲ ଭଳି ଦାଦନ ପ୍ରବଣ ଏବଂ ମାଓବାଦୀ ଅଧ୍ୟୁଷିତ ବ୍ଲକ୍‌ରେ ଦୁଗ୍ଧଚାଷ ଏବେ ଲୋକଙ୍କ ପାଇଁ ଆର୍ଥିକ ସଶକ୍ତୀକରଣର ମାଧ୍ୟମ ସାଜିଛି। କହିବାକୁ ଗଲେ ଦାଦନ ପ୍ରବଣ ଏହି ଜିଲାରେ ଏବେ ଅନେକ ପରିବାରକୁ ଦୁଗ୍ଧ ଦେଇଛି ସ୍ୱାବଲମ୍ବନ ମନ୍ତ୍ର। ଏନେଇ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି ଯେ, ଜିଲାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ପରେ ଏହା ଲୋକଙ୍କୁ ଆର୍ଥିକ ଏବଂ ସାମାଜିକ ଦିଗରୁ ସଶକ୍ତ କରିଛି। ମହିଳାମାନେ ଦୁଗ୍ଧଚାଷରେ ନିୟୋଜିତ ହେବା ଫଳରେ ଛୋଟ ଶିଶୁ ଏବଂ ମହିଳା ଦାଦନ ଯିବାରୁ ନିବୃତ୍ତ ରହିଛନ୍ତି। ଦୁଗ୍ଧଚାଷ ଜିଲାରେ ଆର୍ଥିକ ଓ ସାମାଜିକ ସଶକ୍ତୀକରଣର ମାଧ୍ୟମ ପାଲଟିଛି ବୋଲି କହିଛନ୍ତି।

# ୧୦୨ ବର୍ଷରେ ବିନା ଚଷମାରେ ଖବରକାଗଜ ପଢୁଛନ୍ତି ଗୋକୁଳାନନ୍ଦ

ବଡ଼ଗାଁ,୮।୬(ଡି.ଏନ.ଏ.)



ବୟସ ହେଲାଣି ୧୦୨ ବର୍ଷ। ତଥାପି ବିନା ଚଷମାରେ ପଢୁଛନ୍ତି ଖବରକାଗଜ। ସକାଳ ହେଲେ ନିତ୍ୟକର୍ମ ସାରି ସେ ବିଭିନ୍ନ ଖବରକାଗଜ ପଢି ବସନ୍ତି। ପୂର୍ବପରି ପଢାପଢ଼ି କରିବାରେ ଆଗ୍ରହ କମିନାହିଁ। ଚାଲିବା, ବୁଲିବାରେ କୌଣସି ଅସୁବିଧା ନାହିଁ ତାଙ୍କର। ନମ୍ର ଓ ମେଳାପି ସ୍ୱଭାବର ଏହି ବୟୋବୃଦ୍ଧ ବ୍ୟକ୍ତି ହେଲେ ଆୟୁର୍ବେଦ ବିଶାରଦ ଗୋକୁଳାନନ୍ଦ ନାଏକ। ଘର ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରି ପଞ୍ଚାୟତ ଛାମୁଣ୍ଡା ଗ୍ରାମରେ । ତାଙ୍କର ୮ ଝିଅ ଓ ୬ ପୁଅ । ସ୍ତ୍ରୀ ଆରପାରିକୁ ଚାଲିଗଲେଣି। ବର୍ତ୍ତମାନ ସେ ନିଜ ପୁଅବୋହୂଙ୍କ ପାଖରେ ଗାଁରେ ରହୁଛନ୍ତି। ବୟସ ସତେ ଯେମିତି ତାଙ୍କ ନିକଟରେ ହାର ମାନିଛି। ଏବେ ବି ସେ ଚଳଚଞ୍ଚଳ ହୋଇ ସବୁ କାମ କରୁଛନ୍ତି।

ଗୋକୁଳାନନ୍ଦ ୧୯୪୭ ମସିହାରେ ଝାନ୍‌ସୀରୁ ଆୟୁର୍ବେଦ ଶିକ୍ଷା ଗ୍ରହଣ କରି ସାର୍ଟିଫିକେଟ ପାଇଥିଲେ। ପରବର୍ତ୍ତୀ ସମୟରେ ସେବାକୁ ନିଜ ଜୀବନର ବ୍ରତ ଭାବେ ଧରିନେଇ ନିଜ ଅଞ୍ଚଳର ଲୋକଙ୍କୁ ଆୟୁର୍ବେଦ ଚିକିତ୍ସା ସେବା ଯୋଗାଇ କିଛିବର୍ଷ ମଧ୍ୟରେ ଖ୍ୟାତି ଅର୍ଜନ କରିଥିଲେ। ଏବେ ବି ଜଡିବୁଟିରୁ ସେ ଔଷଧ ତିଆରି କରୁଥିବା ବେଳେ ହୃଦୟ ସମ୍ବନ୍ଧୀୟ ସମସ୍ୟା ଦୂର କରିବା ପାଇଁ ନିଜ ଦ୍ୱାରା ପ୍ରସ୍ତୁତ ଔଷଧ ମାଗଣାରେ ଚିହ୍ନା, ପରିଚିତ ବ୍ୟକ୍ତିଙ୍କୁ ଦେଇଥାନ୍ତି। ଅଧିକାଂଶ ଦିନ ବଡ଼ଗାଁ ବସ୍‌ଷ୍ଟାଣ୍ଡକୁ ବୁଲାବୁଲି କରିବାକୁ ଆସୁଥିବା ଗୋକୁଳାନନ୍ଦଙ୍କ ସହିତ କଥାବାର୍ତ୍ତା ବେଳେ ସେ କହିଥିଲେ ମୁଁ ୧୪ ବର୍ଷର ହୋଇଥିବା ବେଳେ ମହାତ୍ମାଗାନ୍ଧୀଙ୍କୁ ଦେଖିବା ପାଇଁ ଝାରସୁଗୁଡ଼ା ଯାଇଥିଲି। ସେଠାରେ ହେଉଥିବା ସଭାରେ ମୁଁ କିଛି କହିବି ବୋଲି ଜଣାଇବାରୁ ମୋତେ ସୁଯୋଗ ମିଳିଥିଲା। ମୁଁ କହିଥିଲି, ସେବା କାର୍ପଣ୍ୟ ବାହୁବଳେ କିବା ଅସାଧ ମହୀତଳେ। ମୋ କଥା ଶୁଣି ଗାନ୍ଧିଜୀ ଖୁସିହୋଇ କଉଡ଼ି ଦେଇଥିଲେ ବୋଲି ସେ କୁହନ୍ତି। ୧୯୫୦ରୁ ୧୯୭୦ ମସିହା ପର୍ଯ୍ୟନ୍ତ ସେ କଂଗ୍ରେସ ସେବାଦଳରେ କାମ କରିଥିଲେ। ସେ କୁହନ୍ତି ,ସୁସ୍ଥ ରହିବା ପାଇଁ ଆୟୁର୍ବେଦ ଉପଚାର ସର୍ବୋତ୍ତମ। କାରଣ ଏହାଦ୍ୱାରା ଦୀର୍ଘବର୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଠିକ୍ ରହିଥାଏ। ଏହାସହିତ ଠିକ୍ ସମୟରେ ଖାଇବା, ଶୋଇବା ଓ ପରିଶ୍ରମ କଲେ ମଣିଷ ନୀରୋଗ ରହେ ବୋଲି ଗୋକୁଳାନନ୍ଦ ନିଜ ଅଭିଜ୍ଞତାରୁ କୁହନ୍ତି।

**ରିପୋର୍ଟ: ଅଶୋକ ଷଡଙ୍ଗୀ**

# ବୁଲା ଗୋରୁଙ୍କ ସେବା କରି ଚର୍ଚ୍ଚାରେ ସଜ୍ଜନ

ବିନିକା,୮।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକାର ସଜ୍ଜନ କୁମାର ଅଗ୍ରୱାଲ(୫୧)। ଗତ ୧୦ବର୍ଷ ହେଲା ସେ ବୁଲା ଗୋରୁଙ୍କୁ ଖାଇବା ଓ ରହିବାକୁ ଆଶ୍ରୟ ଦେଇ ଚର୍ଚ୍ଚାରେ ରହଛନ୍ତି। ସେ ୧୦୦ଟି ବୁଲା ଗୋରୁ ରହିବା ପାଇଁ ବ୍ୟବସ୍ଥା କରିବା ସହ ସେମାନଙ୍କ ଦୈନିକ ସେବା, ପୂଜାର୍ଚ୍ଚନା କରୁଛନ୍ତି। ଏହି କାର୍ଯ୍ୟ ତାଙ୍କୁ ବହୁତ ଆନନ୍ଦ ଦେଉଥିବା ପ୍ରକାଶ କରିଛନ୍ତି। ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ପିତେଇପାଲି ଗାଁରେ ନିର୍ମିତ ଗୋ ସେବାଶ୍ରମ ଅନୁଷ୍ଠାନ ସଭାପତି ଭାବେ ସେ କାର୍ଯ୍ୟ ତୁଲାଉଛନ୍ତି। ସ୍ୱାର୍ଥପର ଦୁନିଆରେ ଯେଉଁଠି ମଣିଷ ମଣିଷକୁ ସାହାଯ୍ୟ କରିବା ପାଇଁ ଅମଙ୍ଗ, ସେଠି ସଜ୍ଜନଙ୍କ ଭଳି କେତେଜଣ ଦୟାଳୁ ବ୍ୟକ୍ତି ପଶୁଙ୍କ ସେବାକୁ ଆପଣାଇ ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସଜ୍ଜନ ପେଶାରେ ଜଣେ ଶିଳ୍ପଦ୍ୟୋଗୀ। ବିଶାଳପାଲିରେ ତାଙ୍କର ରାଇସ ମିଲ୍ ଅଛି।



ବୁଲାଗୋରୁଙ୍କ ପାଇଁ କରିଥିବା ଆଶ୍ରୟସ୍ଥଳରେ ସଜ୍ଜନ।

ରାଇସ ମିଲ୍ ପରିସରରେ ସେ ପ୍ରାୟ ୪୦ ବୁଲା ଗୋରୁଙ୍କ ପାଇଁ ଘର ତୋଳିଛନ୍ତି। ପ୍ରତ୍ୟେକ ଦିନ ସକାଳେ ଓ ସନ୍ଧ୍ୟାରେ ସେ ନିଜ ଗାଡିରେ ଗାଈ ଗୋରୁଙ୍କ ପାଇଁ ରୁଟି, ପାମ୍ପଡ, ସବୁଜ ପନିପରିବା ଓ ଘାସ ଭର୍ତ୍ତି କରି ନେଇଥାନ୍ତି। ଏହାକୁ ଗୋରୁମାନଙ୍କୁ ଖାଇବାକୁ ଦେଇ ସେମାନଙ୍କର ପୂଜାର୍ଚ୍ଚନା କରନ୍ତି । ସେହିଭଳି ପିତେଇପାଲି ଗୋ-ସେବାଶ୍ରମରେ ରହିଥିବା ଗୋରୁଙ୍କୁ ମଧ୍ୟ ଖାଦ୍ୟ ଦେଇଥାନ୍ତି। ୧୦ବର୍ଷ ପୂର୍ବରୁ ସେ ବହୁତ ଅସୁସ୍ଥ ଥିଲେ ,ମାତ୍ର ଯେଉଁ ଦିନଠାରୁ ସେ ଗାଇଗୋରୁଙ୍କ ସେବା କରିବା ଆରମ୍ଭ କଲେ ସେହିଦିନଠାରୁ ତାଙ୍କ ମନ ସଦା ସର୍ବଦା ପ୍ରଫୁଲ୍ଲ ରହିବା ସହ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା କହିଛନ୍ତି ସଜ୍ଜନ ।

# ବଲାଙ୍ଗୀର ଫର୍ମୁଲା ରାଜ୍ୟବ୍ୟାପୀ କାର୍ଯ୍ୟକାରୀ

ବଲାଙ୍ଗୀର ଅଫିସ,୮।୬

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ କିଛି ମାସ ପୂର୍ବରୁ ଟେଲି ଆଡଭାଇଜରି ଆଣ୍ଡ ମୋବାଇଲ ଭେଟେରିନାରି ସର୍ଭିସ ଆରମ୍ଭ କରାଯାଇଥିଲା। ଦୁଗ୍ଧଚାଷୀଙ୍କୁ ଅତିରିକ୍ତ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ପ୍ରାଣୀଧନ ଚିକିତ୍ସକ, ପାରା ଚିକିତ୍ସକଙ୍କୁ ଟେଲି ଆଡଭାଇଜରି ଆଣ୍ଡ ମୋବାଇଲ ଭେଟେରିନାରି ସର୍ଭିସ ଜରିଆରେ ଯୋଡା ଯାଇଥିଲା। ଗୋରୁଙ୍କୁ ପ୍ରତିଷେଧାତ୍ମକ ଏବଂ ଆରୋଗ୍ୟସିଦ୍ଧ କରିବା ଦିଗରେ ଏହି ସେବା କାର୍ଯ୍ୟ କରିଥିଲା। ସଫଳତାର ସହ ଏହା କାର୍ଯ୍ୟକାରୀ ହେବାରୁ ଜିଲାରେ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ ହେବା ସହ ଚାଷୀମାନେ ଏହି ସେବାରୁ ଉପକୃତ ହୋଇଥିଲେ। ଜିଲାରେ ଏହା ସଫଳ ଏବଂ ଲୋକପ୍ରିୟ ହେବା ପରେ ସରକାର ଏହି ଢାଞ୍ଚାରେ ସମଗ୍ର ରାଜ୍ୟରେ ବୁଧବାର ଆନିମଲ ହେଲ୍ପଲାଇନ୍ ଆରମ୍ଭ କରିଛନ୍ତି।




# ମା' ମାହେଶ୍ୱରୀଙ୍କ ନବକଳେବର ଉତ୍ସବ




ଉଫୁଲା ମାହେଶ୍ୱରୀ ନବକଳେବର ଉତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଅମରପାଲି,୮।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମରେ ଦେବୀ ମାହେଶ୍ୱରୀଙ୍କ ନବକଳେବର ପାଇଁ ମଙ୍ଗଳବାର କଳସ ଯାତ୍ରା ସମ୍ପନ୍ନ ହୋଇଥିବା ବେଳେ ବୁଧବାର ସକାଳୁ ଚବିଶ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିସହ ମନ୍ଦିର ସମ୍ମୁଖରେ ଯଜ୍ଞାରମ୍ଭ ଓ ଧାନ୍ୟାଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ମହିଳାମାନେ ଭରା କଳସ ଥୋଇ ଓ ଜାଗର ଜାଳି ନବକଳେବର ଉତ୍ସବର ଶୁଭ କାମନା କରିଥିଲେ'ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଓ ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ଡୋଲାମଣି ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ' ମୁଖ୍ୟଅତିଥି ମାହେଶରୀ ସଂସ୍କୃତି ଖୁବ ପୁରାତନ ଓ ଏହା ପ୍ରକୃତି ପୂଜାର ପ୍ରତୀକ ବୋଲି ମତବ୍ୟକ୍ତ କରିବା ସହିତ ଏହି ସଂସ୍କୃତି ଆବହମାନ କାଳରୁ ରହି ଆସିଥିବା ପ୍ରକାଶ କହିଥିଲେ । ସଭାରେ ଆୟୋଜକ କମିଟି ସଭାପତି ରଞ୍ଜନ କର ସଭାପତିତ୍ୱ କରିଥିଲେ। ଲକ୍ଷ୍ମୀ ନାରାୟଣ ସାହୁ ସଭା ସଂଯୋଜନା କରିଥିବା ବେଳେ ନୀଳକଣ୍ଠ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଗ୍ରାମର ମଗରା କଟାର ପୁନରୁଦ୍ଧାର କରାଯିବାକୁ ଦାବି ହୋଇଥିଲା। ରାତିରେ ମହିଳା ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା। ନବକଳେବର ଉତ୍ସବରେ ସୀତାରାମ ପାଢ଼ୀ ମୁଖ୍ୟ ପୂଜକ ଭାବେ ଯୋଗ ଦେଇଥିବା ବେଳେ ନାମ ମଣ୍ଡପରେ ଆଲୋକ ହୋତା ଓ ଯଜ୍ଞ ମଣ୍ଡପରେ ଗିରିଧାରୀ ହୋତା ସପତ୍ନିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।







# ଦାଦାବଟି ନ ଦେବାରୁ ଆକ୍ରମଣ, ୧୧ ଗିରଫ

ଝାରସୁଗୁଡ଼ା ଅଫିସ,୮।୬

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ବେଲପାହାଡ ଖୋଲାମୁହଁ କୋଇଲା ଖଣିରେ କାର୍ଯ୍ୟରତ ରାଧେଶ୍ୟାମ ଏଜେନ୍ସି ନାମକ ଠିକାସଂସ୍ଥାର ପ୍ରଡକ୍ସନ ମ୍ୟାନେଜର ମହମ୍ମଦ ଇସମାଇଲ(୩୮)ଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ୍ ୧୧ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଖଣି ପାର୍ଶ୍ୱବର୍ତ୍ତୀ ଯୋରାବଗା ଗ୍ରାମର କୁବେର ସାହୁ, ଫରେନ୍ଦ୍ର ବିଶ୍ୱାଳ, ଅନୁପ ବିଶ୍ୱାଳ, ଶିବ ସିଂହ, ଅଶ୍ୱିନୀ ପ୍ରଧାନ, ଅର୍ଜିତ କେଉଟ, ନିତେଶ ବିଶ୍ୱାଳ, ମଙ୍ଗଲୁ ସୁନା, କିରଣ ସାହୁ, ଦୀନେଶ ନାୟକ ଓ ପ୍ରମୋଦ ଛଞ୍ଚାଣ। ଏନେଇ ଠିକାସଂସ୍ଥା ମ୍ୟାନେଜର ମହମ୍ମଦଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏମ ମାମଲା (ନଂ.୧୪୨/୨୨) ରୁଜୁକରି ତଦନ୍ତ ଚଳାଇଛି। ମ୍ୟାନେଜର ମହମ୍ମଦ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ମଙ୍ଗଳବାର ସକାଳ ଖଣି ଅଞ୍ଚଳରେ କାମ କରୁଥିବାବେଳେ ଯୋରାବଗା ଗ୍ରାମର ୧୧ଜଣ ଯୁବକ ତାଙ୍କୁ ଦାଦାବଟି ମାଗିଥିଲେ। ଏଥିରେ ସେ ରାଜି ନ ହେବାରୁ ହଠାତ୍ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ବାଡିରେ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ତାଙ୍କ ମୁଣ୍ଡଫାଟି ଆହତ ହୋଇଥିଲେ। ପରେ ସମ୍ପୃକ୍ତ ଯୁବକମାନେ ବୋଲେରୋରେ ତାଙ୍କୁ ଅପହରଣକରି ଯୋରାବଗା ଗ୍ରାମର କ୍ଲବ୍ ଘରେ ବନ୍ଦକରି ରଖିଥିଲେ। ଖବରପାଇ ସମ୍ପୃକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷ ପୋଲିସ୍‌ରେ ଜଣାଇଥିଲେ। ପୋଲିସ୍ ସେଠାରେ ପହଞ୍ଚି ମ୍ୟାନେଜରଙ୍କୁ ଉଦ୍ଧାରକରି ବେଲପାହାଡ ହସ୍ପିଟାଲ୍‌କୁ ନେଇଥିଲେ।



## ସଂକ୍ଷେପରେ

### ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ଲାଞ୍ଜିଗଡ,୮।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ୨୬ଟି ପଞ୍ଚାୟତର ଉନ୍ନତି ପଞ୍ଚାୟତ ପକ୍ଷରୁ ରାସ୍ତା ପାର୍ଶ୍ୱରେ ନିର୍ମିତ ୬ଟି ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଯାଇଛି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ବିଜେପୁର ପଞ୍ଚାୟତ ଗସ୍ତରେ ଆସି ଏହି ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାର ପଞ୍ଚାୟତର ଉନ୍ନତି ପାଇଁ ଅନେକ ଯୋଜନା କରିଥିବା ବେଳେ ଏହି ଯୋଜନା ସବୁକୁ କିଭଳି ସଫଳ ରୂପାୟନ ଦିଆଯିବ ସେ ଦିଗରେ ବିଜେପୁର ପଞ୍ଚାୟତ କର୍ତ୍ତୃପକ୍ଷ ଚେଷ୍ଟା କରିଛନ୍ତି ବୋଲି ଉଦଘାଟନୀ ଉତ୍ସବରେ ବିଧାୟକ କହିଥିଲେ। ଜିଲା ପରିଷଦ ସଦସ୍ୟ ପରକ୍ଷିତ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବତନ ଲାଞ୍ଜିଗଡ ବିଧାୟକ ଶିବାଜୀ ମାଝି, ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର, ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ମନହର ହରପାଲ, ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦିଶ ବେନିଆ, ଚନ୍ଦ୍ରଧ୍ୱଜ ପେସନିଆ, ବିଧାୟକ ପ୍ରତିନିଧି ପ୍ରଦିପ ଘଡେଇ, ବିଜେଡି ଯୁବ ସଭାପତି ଡିଲେଶ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ପକ୍ଷରୁ ସମସ୍ତ ଜନପ୍ରତିନିଧି ଓ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା।

### ଆଜାଦି କା ଅମୃତ ମହୋତ୍ସବରେ ମେଗା ଋଣ ସଂଯୋଗୀକରଣ

**ନୂଆପଡ଼ା ଅଫିସ,୮।୬:** ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବର୍ଷ ବ୍ୟାପି ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏକିକ୍ରମରେ ବିଭିନ୍ନ ଜନହିତକରୀ ଯୋଜନାର ଶୁଭାରମ୍ଭ କରି ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ନୂଆପଡା ଜିଲାପାଳଙ୍କ ସଦଭାବନା ସଭାଗୃହରେ ଲିଡ ବ୍ୟାଙ୍କର ପୌରହିତ୍ୟରେ ମେଗା ଋଣ ସଂଯୋଗୀ କରଣ ପଦକ୍ଷେପ ଆୟୋଜନ କରାଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ସମ୍ମାନିତ ଅତିଥି ଓ ନୂଆପଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଦେବାଶିଷ ଯୋଷୀ, ଲିଡ ବ୍ୟାଙ୍କ ପ୍ରବନ୍ଧକ ସିତାରାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନୂଆପଡା ଓ ଖରିଆର ରୋଡର ପ୍ରାୟ ୨୭ଟି ରାଷ୍ଟ୍ରୟତ ବ୍ୟାଙ୍କ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜରିଆରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ୨୯୩ ଜଣଙ୍କୁ ୮୦୪ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଲିଡବ୍ୟାଙ୍କ ପ୍ରବନ୍ଧକ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ବୋଡେନ, ସିନାପାଲି ଅଞ୍ଚଳରେ ମଧ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ।

# ଜନଶୁଣାଣି ବର୍ଜନ କଲେ ଗ୍ରାମବାସୀ

ସୁନ୍ଦରଗଡ଼,୮।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିରି ବ୍ଲକରେ ବେଦାନ୍ତ କମ୍ପାନୀକୁ ଆବଣ୍ଟିତ ହୋଇଥିବା ଜାମକାନୀ କୋଇଲା ଖଣି ପାଇଁ ବୁଧବାର ପ୍ରଶାସନ ପକ୍ଷରୁ ଆହୁତ ଜନଶୁଣାଣି ହୋଇପାରିନାହିଁ। ଜାମକାନୀ ବିଦ୍ୟାଳୟଠାରେ ଜନଶୁଣାଣି କରିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ମାତ୍ର ବିନା ଗ୍ରାମସଭାରେ କିପରି ଜନଶୁଣାଣି କରାଯିବ ଦାବି ରଖିଥିବା ଗ୍ରାମବାସୀ ଜନଶୁଣାଣି ସ୍ଥାନକୁ ଆସି ନ ଥିଲେ। ଏକ ପ୍ରକାର ଏହାକୁ ବର୍ଜନ କରିଥିଲେ। ପ୍ରକାଶ ଯେ, ପ୍ରଥମେ୨୦୦୬ରେ ଭୂଷଣ କମ୍ପାନୀକୁ ଏହି କୋଲ ବ୍ଲକ ମିଳିଥିଲା। ଏଥିପାଇଁ ସେତେବେଳେ ପ୍ରଶାସନ ପକ୍ଷରୁ କମ୍ପାନୀ ଆବଶ୍ୟକ କରୁଥିବା ୨୫୦୦ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ସରିଥିଲା। ପରବର୍ତ୍ତୀ ସମୟରେ ଭୂଷଣ କମ୍ପାନୀକୁ ଆବଣ୍ଟିତ କୋଲ ବ୍ଲକ ହେବା ପରେ ଏବେ ଏହା ବେଦାନ୍ତ କମ୍ପାନୀକୁ ମିଳିଛି। ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା ଝାରପଲମ ପଞ୍ଚାୟତର ଜାମକାନୀ, ଗିରିସୀମା, ମେଣ୍ଡ୍ରା ଗ୍ରାମକୁ ଭୂଷଣ ପାୱାର କମ୍ପାନୀ ପାଇଁ ଅଧିଗ୍ରହଣ କରାଯାଇଥିଲା। ବେଦାନ୍ତ ପାଇଁ ନୁହେଁ,ଏହି ଗ୍ରାମସଭା ବେଦାନ୍ତ ପାଇଁ କରାଯାଇ ନ ଥିଲା। ଯେହେତୁ ପଞ୍ଚମ ଅନୁସୂଚି ଅଞ୍ଚଳ ଭାବେ ଏହା ଅପରିହାର୍ଯ୍ୟ ତେଣୁ ପ୍ରଥମେ ଗ୍ରାମସଭା କରାଯାଇ ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗ ଶୁଣାଯାଇ ନାହିଁ। ଇଡ଼କୋ କେଉଁ ଆଧାରରେ ଜାମକାନୀ ଖଣି ବେଦାନ୍ତକୁ ହସ୍ତାନ୍ତର କରିଛି ତାର ସବିଶେଷ ତଥ୍ୟ ଗ୍ରାମବାସୀ ଜାଣିବାକୁ ଦାବି ରଖିଥିଲେ। ଏହି ଜନଶୁଣାଣି ପାଇଁ ପ୍ରଶାସନ ପକ୍ଷରୁ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ହେମଗିର ତହସିଲଦାର ଭିକ୍ଟୋରିଆ ଟପ୍ପୋ, ସଦର ଉପଖଣ୍ଡ ପୋଲିସ ଅଧିକାରୀ ମଧୁସିକ୍ତା ମିଶ୍ର, ହେମଗିର ଥାନା ଅଧିକାରୀ ରମାକାନ୍ତ ସାଏ, ହେମଗିର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା ପ୍ରମୁଖ ଯୋଗଦେଇଥିଲେ। ଦିନ ଦୁଇଟା ପର୍ଯ୍ୟନ୍ତ ପ୍ରଶାସନର ଅଧିକାରୀମାନେ ଅପେକ୍ଷା କରି ରହିଥିଲେ କିନ୍ତୁ କୌଣସି ଗ୍ରାମବାସୀ ନ ଆସିବାରୁ ସେମାନେ ଫେରିଆସିଥିଲେ। ଏ ସମ୍ପର୍କରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରେ ଏହି କୋଲ ବ୍ଲକ ସକାଶେ ପୂର୍ବରୁ ଜମି ଅଧିଗ୍ରହଣ କାର୍ଯ୍ୟ ସରିଛି। ବିସ୍ଥାପିତ ପରିବାରଙ୍କୁ ସରକାରୀ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ କ୍ଷତିପୂରଣ ମଧ ମିଳିସାରଛି। ଭୂଷଣ କମ୍ପାନୀ ପରେ ବେଦାନ୍ତ କମ୍ପାନୀକୁ ଏହି କୋଲ ବ୍ଲକ ମିଳିଥିବାରୁ ପ୍ରଶାସନ ପକ୍ଷରୁ ବିସ୍ଥାପିତ ପରିବାରଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଏକ ଆଲୋଚନା ବୈଠକ ଡକାଯାଇଥିଲା। ବୈଠକକୁ ଆସି ନ ଥିବାବେଳେ ଗ୍ରାମବାସୀ ଲିଖିତ ଭାବେ ତାଙ୍କର କୌଣସି ଦାବି କିମ୍ବା ଅଭିଯୋଗ ଦେଇନାହାନ୍ତି।

### ଦେବଗଡ଼ ପୌରାଧକ୍ଷାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ



ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିବା କାର୍।

ଦେବଗଡ଼/ଛେଣ୍ଡିପଦା,୮।୬(ଡି.ଏନ୍.ଏ./ସ୍ୱ.ପ୍ର.)

ଭୁବନେଶ୍ୱରରୁ ଦେବଗଡ଼ ଫେରୁଥିବା ବେଳେ ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତିଲତା ଦେଈଙ୍କ କାର୍ ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାମୁରିଆ ରୁଗୁଡ଼ିସାହି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ପୌରାଧକ୍ଷା ଓ ତାଙ୍କ ପରିବାର ସଦସ୍ୟ ଥିଲେ ମଧ କାହାରି କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ପରିବାର ସଦସ୍ୟଙ୍କୁ ନେଇ ପୌରାଧକ୍ଷା ଏକ କାର୍‌ରେ ଫେରୁଥିବା ବେଳେ ଛେଣ୍ଡିପଦା-ଦେବଗଡ଼ ଜାତୀୟ ରଜପଥ ୧୫୩(ବି)ର ମାମୁରିଆ ରୁଗୁଡି ସାହି ହମ୍ପସ ନିକଟରେ ଗାଡ଼ି ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳରେ କାର୍ ରାସ୍ତା ପାର୍ଶ୍ୱରେ ଥିବା ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି କାର ଉପରେ ପଡିଥିଲେ ହେଁ ପୌରାଧକ୍ଷା, ତାଙ୍କ ପରିବାର ସଦସ୍ୟ ଓ ଚାଳକ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତି ଯାଇଥିଲେ। ତେବେ ଦୁର୍ଘଟଣା ଯୋଗୁ ବିଦ୍ୟୁତ୍ ସରବରାହ ଦୀର୍ଘସମୟ ଧରି ବନ୍ଦ ହୋଇଯାଇଥିଲା। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଜିଲା ପରିଷଦ ଅଧକ୍ଷାଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ବଡ଼ଗାଁ, ୮।୬(ଡି.ଏନ୍.ଏ.)



ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ବିଭିନ୍ନ କାର୍ଯ୍ୟ ଦେଖୁଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସଭାଗୃହରେ ବୁଧବାର ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ସହ ଯୋଜନାର ପରିଚାଳନା ଉପରେ ପଚାରିବୁଝିଥିଲେ। ସଭା ଆରମ୍ଭରେ କର୍ମଚାରୀମାନେ ପରିଚୟ ପ୍ରଦାନ କଲା ପରେ ଅଧକ୍ଷା ପ୍ରଧାନ କହିଥିଲେ, ଅନେକ ଗୁଡ଼ିଏ କାମ ଦୀର୍ଘମାସ, ବର୍ଷ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ଦେଖାଯାଇଛି। ଏହା ଉପରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଇ ଶୀଘ୍ର କାମ ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ଏହା ପରେ ସିଡିପିଓ, ବ୍ଲକ ଶିକ୍ଷା ଅଧିକାରୀ, କୃଷି ଅଧିକାରୀ, ଏପିଓ, ଜଳ ଓ ପରିମଳ ଯନ୍ତ୍ରୀଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଜନା ଓ କାର୍ଯ୍ୟ ପରିଚାଳନା ଉପରେ କହିବା ସହ ସମସ୍ୟା ଜଣାଇଥିଲେ। ବ୍ଲକ ଅଫିସରେ କାର୍ଯ୍ୟ ସମୀକ୍ଷା କଲା ପରେ ବଡ଼ଗାଁ ଡିଗ୍ରୀ କଲେଜକୁ ଯାଇ ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିଥିଲେ। ଡିଗ୍ରୀ କଲେଜର ଅସମ୍ପୂର୍ଣ୍ଣ ଥିବା ବାଳିକା ହଷ୍ଟେଲ ବୁଲି ଦେଖିବାବେଳେ ପ୍ରିନ୍ସପାଲ କ୍ଲାସ ରୁମ୍ ଅଭାବ ଥିବା ଜଣାଇଥିଲେ। ଯୁକ୍ତ ଦୁଇ କଲେଜରେ କମନ ରୁମ୍, ବାଇକ ଷ୍ଟାଣ୍ଡ, ପେଣ୍ଡାଲ, ଅସମ୍ପୂର୍ଣ୍ଣ ଥିବା ପାଚେରୀ ପାଇଁ କଲେଜ ପ୍ରିନ୍ସିପାଲ ଜିଲା ପରିଷଦ ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପରେ ଅଧକ୍ଷା ପ୍ରଧାନ ଚଲନାମୁଣ୍ଡା ପଡାରେ ୩ବର୍ଷ ହେଲା ଭଙ୍ଗା ଅବସ୍ଥାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଦେଖି ଶୀଘ୍ର ନୂତନ କେନ୍ଦ୍ର ନିର୍ମାଣ ପାଇଁ ସିଡିପିଓ ଏବଂ ବିଡ଼ିଓଙ୍କୁ କହିଥିଲେ। ଲଟାପଡ଼ାର ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ, ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଜୟ ହିନ୍ଦ କ୍ଲବ ଦେଖିଲାବେଳେ ସ୍ଥାନୀୟ ଗ୍ରାମବାସୀ ଦୁର୍ଗା ମଣ୍ଡପ ପରିସରରେ ରୋଷଶାଳ, ଶୌଚାଳୟ, ଉଚ୍ଚ ପାଚେରୀ ନିର୍ମାଣ ପାଇଁ କହିଥିଲେ। ସେଠାରୁ ସେ ସଫେଇ ନଦୀର ପରିସ୍ଥିତି ଜାଣିବା ପାଇଁ ଯାଇଥିଲେ। ନଦୀକୁ ସୁରକ୍ଷା ଦେବାର ଆବଶ୍ୟକତା ଥିବା ପ୍ରକାଶ କରିଥଲେ। ସେଠାରେ ବଡ଼ଗାଁର ଯୁବ ଚାଷୀ ବ୍ରହ୍ମାନନ୍ଦ ପାଣିଗ୍ରାହୀ ନଦୀରେ ବେରେଜ ନିର୍ମାଣ ନ କଲେ ମେଗା ଜଳସେଚନ ପ୍ରକଳ୍ପ ମୂଲ୍ୟହୀନ ହେବ ବୋଲି ଜଣାଇଥିଲେ। ଏହି କାର୍ଯ୍ୟ ସମୀକ୍ଷା ଓ ପରିଦର୍ଶନରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ବ୍ଲକ ଅଧକ୍ଷା ଦୁଲାରି ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସୋନାଲି ହେସ, ବିଡ଼ିଓ କ୍ଷମାନିଧି ଭୋଇ, ବଡ଼ଗାଁ ସମିତି ସଭ୍ୟ ସାରିକା କେରକେଟାଙ୍କ ସହିତ ବିଜେଡ଼ିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦେବଗଡ଼ରେ ଚିନାବାଦାମ ମଣ୍ଡି ଉଦ୍‌ଘାଟିତ

ଦେବଗଡ଼,୮।୬(ଡି.ଏନ୍.ଏ.)

ଦେବଗଡ଼ ଜିଲାରେ ଚିନାବାଦାମର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ବୁଧବାର ଉଦ୍‌ଘାଟିତ ହୋଇଯାଇଛି ଚିନାବାଦାମ ମଣ୍ଡି। ବାରକୋଟ ବ୍ଲକ ଦଣ୍ଡାସିଂହା ପଞ୍ଚାୟତଠାରେ ମାର୍କଫେଡ଼ ପକ୍ଷରୁ ବାରକୋଟ ଫେଡ଼ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଜରିଆରେ କୁଇଣ୍ଟାଲ ପ୍ରତି ୫ହଜାର ୫ ଶହ ୫୦ ଟଙ୍କା ଦରରେ ଚିନାବାଦମ କ୍ରୟ ଆରମ୍ଭ କରାଯାଇଛି। ବୁଧବାର ପୂର୍ବାହ୍ନରେ ଦଣ୍ଡାସିଂହା ପଞ୍ଚାୟତ ରାଜୀବ ସେବା କେନ୍ଦ୍ରଠାରେ ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ କେ. ଆର୍ ରାଓ, ଦଣ୍ଡାସିଂହା ସରପଞ୍ଚ କ୍ଷୀରଦିନି ପ୍ରଧାନ, ମାର୍କଫେଡ଼ ଏରିଆ ମ୍ୟାନେଜର ପ୍ରଫୁଲ୍ଲ କୁମାର ସାହୁ, ବ୍ଲକ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ବାରକୋଟ ତହସିଲଦାର ରୁବି ବେହେରା, ବାରକୋଟ ଫେଡ଼ ଫାର୍ମର୍ସ ପ୍ରଡ୍ୟୁସର ନିର୍ଦ୍ଦେଶକ ଦେବାନନ୍ଦ ଜିତ ଓ କ୍ଲଷ୍ଟର ମ୍ୟାନେଜର ଅରୁଣ କୁମାର ଟାଲି ପ୍ରମୁଖ ଉପସ୍ଥିତ ରହି ଫିତା କାଟିବା ସହ ମଣ୍ଡିର ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡି ଖୋଲିବା ପରେ ସ୍ଥାନୀୟ ଅଞ୍ଚଳର ଚିନାବାଦାମ ଚାଷୀ ଖୁସି ବ୍ୟକ୍ତ କରିଥିବାବେଳେ ବର୍ତ୍ତମାନ ଅଞ୍ଚଳର ଚାଷୀ ଅଭାବୀ ବିକ୍ରିରୁ ମୁକ୍ତ ହୋଇ ନିଜ ପରିଶ୍ରମର ଉପାର୍ଜିତ ଫସଲର ଉଚିତ ମୂଲ୍ୟ ପାଇଥିବା ପ୍ରକାଶ କରିଛନ୍ତି।



ଚିନାବାଦାମ ମଣ୍ଡି ଶୁଭାରମ୍ଭ କରାଯାଉଛି।

### ଭାଜପା ଅନୁସୂଚିତ ଜନଜାତି ସମାବେଶ

କୋକସରା,୮।୬(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ତଥା ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱର ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପା ପକ୍ଷରୁ ବୁଧବାର କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ମହାଭାରତ ପଡିଆଠାରେ ଧର୍ମଗଡ ନିର୍ବାଚନ ମଣ୍ଡଳସ୍ତରୀୟ ଅନୁସୂଚିତ ଜନଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟିଙ୍କ ସଭାପତିତ୍ୱ ଅନୁଷ୍ଠିତ ସମାବେଶରେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଆଦିବାସୀ ଜନଜାତି ଜିଲା ସାଧାରଣ ସମ୍ପାଦକ ସରୋଜ ଶବର, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜନଜାତିଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲା। ଏହି ଯୋଜନା କିଭଳି ଆଦିବାସୀ ଜନଜାତିଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ତୃଣମୂଳସ୍ତରରେ ଯୋଜନାର ରୂପାୟଣ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ କୋକସରା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ସୁଧୀର କୁମାର ପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକ, କୋକସରା ମଣ୍ଡଳ ପ୍ରଭାରି ଗରୁଡ଼ ଧ୍ୱଜ ମାଝି, କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ଆମପାଣି ମଣ୍ଡଳ ସମ୍ପାଦକ ସନ୍ତୋଷ ମାଝିଙ୍କ ସମେତ ବ୍ଲକସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

## କୁତ୍ରା ଲ୍ୟାମ୍ପସରେ ବେଆଇନ ନିର୍ବାଚନ ପରିଚାଳନା ନେଇ ଅଭିଯୋଗ

କୁତ୍ରା, ୮।୬ ( ଡି.ଏନ.ଏ)

ଆସନ୍ତା ୨୬ ତାରିଖ ସମବାୟ ସମିତିର ନିର୍ଦ୍ଦେଶକ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସୁନ୍ଦରଗଡ ଜିଲା କୁତ୍ରା ସମବାୟ ସମିତିରେ ଏକ ଅନ୍ୟ ପ୍ରକାରର ମାହୋଲ ସରଗରମ ଦେଖିବାକୁ ମିଳିଛି। ଏଠାରେ ମନମୁଖୀ ଭାବେ ପ୍ରାର୍ଥିପତ୍ର ନାକଜ କରିଥିବା ନେଇ ଅଭିଯୋଗ ହେଉଛି। କୁତ୍ରା ସମବାୟ ସମିତି ଅଧିନରେ ରହିଛନ୍ତି ୧୫୨୫ ଜଣ ଭୋଟର। ସେଥିରେ ରହିଛି ୧୫ଟି ଜୋନ । ଏହି ୧୫ ଟି ଜୋନ ପାଇଁ ପ୍ରଥମ ଓ ଦ୍ୱିତୀୟ ଜୋନ ଅଣସଂରକ୍ଷିତଙ୍କ ପାଇଁ ରହିଥିବା ବେଳେ ତୃତୀୟରୁ ୧୧ ଜୋନ ପାଇଁ ଆଦିବାସୀ ରହିଛି ଏବଂ ୧୨ ରୁ ୧୫ ଜୋନ ପାଇଁ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ତେବେ ଏହି ୧୫ଟି ଜୋନ ପାଇଁ ସମୁଦାୟ ୩୧ ଜଣ ଫର୍ମ ନେଇଥିବାବେଳେ ୨୬ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ୧୦ ଜଣଙ୍କର ପ୍ରାର୍ଥିପତ୍ର ନାକଚ ହୋଇଛି। ତେବେ ୧୫ଟି ଜୋନ ମଧ୍ୟରୁ ୧୪ ଜଣ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। କେବଳ ୩ ନମ୍ବର ଜୋନରେ ଦୁଇଜଣ ମଙ୍ଗଲ କୁଜୁର ଓ ଶଙ୍କରପ୍ରଶାଦ ଟପ୍ପୋଙ୍କ ମଧ୍ୟରେ ନିର୍ବାଚନ ହେବ। ତେବେ ଏହାକୁ ନେଇ କୁତ୍ରା ଗ୍ରାମ ପଞ୍ଚାୟତର ଆଶାୟୀ ସଭ୍ୟାସଭ୍ୟ ଓ ଗ୍ରାମବାସୀଙ୍କ ତରଫରୁ କୁତ୍ରା ଲ୍ୟାମ୍ପସରେ ବେଆଇନ ନିର୍ବାଚନ ପରିଚାଳନା ତଥା ବେଆଇନ କାର୍ଯ୍ୟ ଚାଲିଥିବା ଅଭିଯୋଗ କରିଛନ୍ତି। ସମବାୟ ସମିତିର କର୍ମଚାରୀମାନେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସହମତି ଜଣାଉଥିବାବେଳେ ଅନ୍ୟମାନଙ୍କୁ ଆକ୍ରୋଶମୂଳକ ଭାବେ ପ୍ରାର୍ଥିପତ୍ର ନାକଜ କରିଥିବା ଅଭିଯୋଗ ହେଉଛି। ଏମାନଙ୍କ ଅଭିଯୋଗ ଗୁଡିକ ହେଲା କୁତ୍ରା ସମବାୟ ସମିତିରେ ବାର୍ଷିକ ସାଧାରଣ ସଭା ବହିରେ ଉପସ୍ଥିତ ନ ଥିବା ବ୍ୟକ୍ତିଙ୍କ ବେଆଇନ ଦସ୍ତଖତ କରାଯାଇଛି । ସଭାପତି ଓ ଉପ ସଭାପତି ସଭ୍ୟାସଭ୍ୟ ଚୟନ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସମର୍ଥନ କରାଯାଉଛି। ନିର୍ବାଚନ ପ୍ରକ୍ରିୟା ଚାଲୁଥିବା ସମୟରେ ଅଧିକାରୀ କୌଣସି ଦିନ ଠିକ ସମୟରେ ଉପସ୍ଥିତ ରହିନାହାନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଫର୍ମ ପୂରଣ କରିବାରେ ସହାୟତା କରି ଅନ୍ୟ ଗୋଷ୍ଠୀଙ୍କ ଫର୍ମ ନାକଚ କରିଦେଇଛନ୍ତି । ସମବାୟ ସମିତିର କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସମର୍ଥନ କରି ବେଆଇନ ଭାବେ ସଭ୍ୟ, ସଭ୍ୟାଙ୍କ ଆବେଦନପତ୍ରର ତଥ୍ୟ ବାହାରେ ପ୍ରଘଟ କରିବା ଏବଂ ନିଜ ଗୋଷ୍ଠୀର ଭୁଲ ତଥ୍ୟଟିକୁ ସୁଧାରିବାରେ ସାହାଯ କରୁଛନ୍ତି । ସମବାୟ ସମିତିର ଅଧିକାରୀଙ୍କୁ ନିର୍ବାଚନ ପ୍ରକ୍ରିୟା ବିଷୟରେ ପଚାରିଲେ କିଛି ଜାଣିନାହିଁ ବୋଲି କହୁଛନ୍ତି । ଅଧିକାରୀଙ୍କୁ ପଚାରିଲେ କିଛି କହୁନାହାନ୍ତି। ଏଭଳି ଭାବେ ସୁନ୍ଦରଗଡ ସମବାୟ ସଂସ୍ଥାର ଉପ ପଞ୍ଜିକରଣ ଅଧିକାରୀଙ୍କୁ ଦାବି ଜଣାଇ ଏହାର ସମାଧାନ ନହେଲେ କୁତ୍ରା ସମବାୟ ସମିତିକୁ ଅଚଳ କରିବେ ବୋଲି ପ୍ରକାଶ କରିଛନ୍ତି ଗ୍ରାମବାସୀ।

## ବସଷ୍ଟାଣ୍ଡ ନିକଟରୁ ଜବରଦଖଲ ହଟିଲା

ଅମରପାଲି,୮।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସଷ୍ଟାଣ୍ଡ ନିକଟରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ସାଙ୍ଗକୁ ଜଗନ୍ନାଥ ମନ୍ଦିର ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିଥିବା ଜଣାପଡିଛି। ଦୀର୍ଘଦିନ ହେବ ଏଠାରେ ବସଷ୍ଟାଣ୍ଡ ଥିଲେ ମଧ କାର୍ଯ୍ୟରେ ଲାଗୁ ନ ଥିଲା। ପୂର୍ବତନ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରାଙ୍କ ଉଦ୍ୟମ କ୍ରମେ ଏହାର ଉନ୍ନତୀକରଣ ତଥା ମଡେଲ ବସ ଷ୍ଟାଣ୍ଡ ପାଇଁ ପ୍ରାୟ ଅଢେଇ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହାର କାମ ପାଇଁ ଟେଣ୍ଡର ପ୍ରକ୍ରିୟା ମଧ ସରିଥିଲା। ମାତ୍ର ବସଷ୍ଟାଣ୍ଡ ଓ ଜଗନ୍ନାଥ ମନ୍ଦିର ନିକଟରେ ଜବରଦଖଲ ଯୋଗୁ ବସଷ୍ଟାଣ୍ଡର କାମ ହୋଇପାରୁ ନ ଥିଲା। ଏନେଇ ପୂର୍ବରୁ ଜବରଦଖଲ ଉଚ୍ଛେଦ ପାଇଁ ଚେଷ୍ଟା କରାଯାଇ ଥିଲେ ମଧ କୌଣସି କାରଣରୁ ସମ୍ଭବ ହୋଇପାରୁ ନ ଥିଲା। ବୁଧବାର ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଇଛି। ବୀରମହାରାଜପୁର ତହସିଲଦାର ବିବୁଦ୍ଧ ଗଡନାୟକଙ୍କ ଉପସ୍ଥିତିରେ ଜବରଦଖଲ ହୋଇଛି। ପ୍ରଥମ ଦିବସରେ ଜବରଦଖଲରେ ଥିବା ପ୍ରାୟ ୧୦ଟି ଦୋକାନ ଗୃହ ଭଙ୍ଗାଯାଇଛି। ଏହାସହିତ ନିକଟରେ ଥିବା ଶୌଚାଳୟକୁ ମଧ ଭଙ୍ଗାଯାଇଛି। ଜବରଦଖଲ ଉଚ୍ଛେଦ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଦେଖାଦେଇ ନ ଥିଲା। ବୀରମହାରାଜପୁର ଥାନା ଅଧିକାରିଣୀ ଅଞ୍ଜଳି କୁମ୍ଭାରଙ୍କ ନେତୃତ୍ୱରେ ପୋଲିସ ବାହିନୀ ଓ ରାଜସ୍ୱ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ନକ୍‌ଆଉଟ କ୍ରିକେଟ: ଚଣାଳୀମା ବିଜୟୀ



ଲାଞ୍ଜିଗଡ଼,୮।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ଆଶ୍ରମପଡା ଖେଳପଡିଆଠାରେ ଆଶ୍ରମପଡା ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ନିୟମଗିରି ବେଦାନ୍ତ ନଗର ଓ ଚଣାଳୀମା ଦଳ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଚଣାଳୀମା ବିଜୟୀ ହୋଇଥିଲା। ବେଦାନ୍ତ ନଗର ପ୍ରଥମେ ବ୍ୟାଟିଂ କରି ୧୨ ଓଭର ୮ ଉଇକେଟରେ ୯୬ ରନ କରିଥିଲା। ଜବାବରେ ଚଣାଳୀମା ୮ ଓଭର ୨ ଉଇକେଟରେ ୯୭ ରନ କରି ବିଜୟ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ସୁବାଷ ଚନ୍ଦ୍ର ଅଗ୍ରୱାଲ, ଲାଞ୍ଜିଗଡ ଯୁବକ ସଂଘ ପୂର୍ବତନ ସଭାପତି ଅଶୋକ ପଟନାୟକ, ବେଦାନ୍ତ ସିଏସଆର ଶ୍ରୀମୁଖ ଅଗସ୍ତି, ଅବସରପ୍ରାପ୍ତ ଏଲଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଜେଡି କର୍ମୀ ପାତ୍ର ମାଝି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀରେ ସୌରଭ ବଗର୍ତ୍ତି ଓ ଅଶ୍ୱିନୀ ସାହୁ ଖେଳ ପରିଚାଳନା କରିଥିବାବେଳେ ସ୍କୋର ବୋର୍ଡରେ ଅଶୋକ ବଗର୍ତ୍ତି ଓ ଏସ. ଅଗସ୍ତି ଧାରାବିବରଣୀ ଦେଇଥିଲେ। ଆଶ୍ରମପଡା ନକଆଉଟ କ୍ରିକେଟ ସଂଘ ସଭାପତି ରାହୁଲ ବର୍ଗେ, ଉପସଭାପତି ଲକ୍ଷ୍ମୀକାନ୍ତ ମାଝି, ସମ୍ପାଦକ ସଞ୍ଜୟ ପ୍ରଧାନ, ସହସମ୍ପାଦକ ଆନନ୍ଦ ମୁଣ୍ଡା, କଦଣ୍ଡ ପ୍ରଧାନଙ୍କ ସମେତ ସଂଘ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୧୬ ତାରିଖରେ ଫାଇନାଲ ମ୍ୟାଚ ହେବ ବୋଲି ସଂଘ ସଭାପତି ସୂଚନା ଦେଇଛନ୍ତି।

**ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

# ୧୦୦ ଟଙ୍କା ବୃଦ୍ଧି ଚାଷୀଙ୍କ ପ୍ରତି ଉପହାସ

ବରଗଡ଼ ଅଫିସ୍,୭।୬

କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ବୁଧବାର କୁଇଣ୍ଟାଲ ପ୍ରତି ଶହେ ଟଙ୍କା ବୃଦ୍ଧି କରିଛନ୍ତି। ଏହାପରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ରୁ ୨୦୪୦ ଟଙ୍କାକୁ ବୃଦ୍ଧି ହୋଇଛି। ତେବେ ଧାନ ଦରରେ ଏଭଳି ବୃଦ୍ଧି ଚାଷୀଙ୍କୁ ସନ୍ତୁଷ୍ଟ କରି ପାରିନାହିଁ। ଶାସନକୁ ଆସିବା ପୂର୍ବରୁ ଭାଜପା ସ୍ୱାମୀନାଥନ କମିଶନ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଶାସନର ଦ୍ୱିତୀୟ ପାଳିରେ ମଧ୍ୟ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ପ୍ରତିଶ୍ରୁତି ପୂରଣ କରିନାହିଁ। ଅନ୍ୟପଟେ ସାର, କୀଟନାଶକଠାରୁ ଆରମ୍ଭ କରି ପେଟ୍ରୋଲ, ଡିଜେଲ ଏବଂ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆକାଶଛୁଆଁ ହୋଇ ପଡ଼ିଲାଣି। ଏଭଳି ସ୍ଥିତିରେ ଧାନଦର କୁଇଣ୍ଟାଲ ପ୍ରତି ମାତ୍ର ଶହେ ଟଙ୍କା ବୃଦ୍ଧିକୁ ଚାଷୀମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି ।

### ଆୟ ବଦଳରେ ବ୍ୟୟ ୨ ଗୁଣା

“୨୦୨୨ ସୁଦ୍ଧା କୃଷକଙ୍କ ଆୟ ୨ ଗୁଣା ହେବ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ହୋଇ ପାରିଲା ନାହିଁ । ଏବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୦୦ ଟଙ୍କା ବୃଦ୍ଧି ପ୍ରହେଳିକା ସଦୃଶ ହୋଇଛି। ଆୟ ପରିବର୍ତ୍ତେ ଚାଷୀଙ୍କ ବ୍ୟୟ, ଋଣ ୨ ଗୁଣା ହୋଇଛି। ଶହେ ଟଙ୍କା ଧାନ ମୂଲ୍ୟ ବୃଦ୍ଧି ବର୍ତ୍ତମାନ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଦରବୃଦ୍ଧି ତୁଳନାରେ ବହୁ କମ୍। ଅତିକମ୍‌ରେ କୁଇଣ୍ଟାଲ ପ୍ରତି ୨ଶହ ଟଙ୍କା ଧାନଦର ବୃଦ୍ଧି ହୋଇଥିଲେ ଚାଷୀ ଅଳ୍ପକିଛି ଉପକୃତ ହୋଇଥାନ୍ତେ।



**ରମେଶ ମହାପାତ୍ର, ଚାଷୀନେତା, ବରଗଡ଼**

### ଚାଷୀଙ୍କ ଉପରେ ଚାପ

“ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ଏକଶହ ଟଙ୍କା ବୃଦ୍ଧି ଚାଷୀଙ୍କ ପ୍ରତି ଉପହାସ। କେଉଁ ଆଧାରରେ ତାହା ବୃଦ୍ଧି ହୋଇଛି, ସାର୍ବଜନୀନ କରାଯାଉ। ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ତୁଳନାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଅତି ନଗଣ୍ୟ। ଖାଦ୍ୟ ଉପରେ ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ସବୁବେଳେ ଚାଷୀ ଉପରେ ଚାପ ଦିଆଯାଉଛି। ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କୃଷିକ୍ଷେତ୍ର ପାଇଁ ଶ୍ରମିକ ଯୋଗାଇ ଦିଆଯାଉ।



**କିଶୋର ଦେବତା, ଚାଷୀନେତା, ବରଗଡ଼**

### ପ୍ରତିଶ୍ରୁତି ପାଣିର ଗାର

“ସାର, କୀଟନାଶକ ଦର ୨ଗୁଣା ହୋଇ ଗଲାଣି। ଚାଷୀମାନେ ଆଉ ହଳ କରୁନାହାନ୍ତି। ଟ୍ରାକ୍ଟର ଏବଂ ଅନ୍ୟ କୃଷି ଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଯୋଗୁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଭଡ଼ା ବଢ଼ିଛି। ଏଭଳି ସ୍ଥଳେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ମଧ୍ୟ ଦ୍ୱିଗୁଣିତ ହୋଇଛି। ଅନ୍ୟପଟେ ଧାନଦର କୁଇଣ୍ଟାଲ ପ୍ରତି ମାତ୍ର ଶହେ ଟଙ୍କା ବୃଦ୍ଧି ଚାଷୀଙ୍କ ପାଇଁ ଉପହାସ ଛଡ଼ା ଅନ୍ୟକିଛି ନୁହେଁ। ଶାସନକୁ ଆସିବା ପୂର୍ବରୁ ଭାଜପା ସ୍ୱାମୀନାଥନ କମିଶନଙ୍କ ରିପୋର୍ଟ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ତାହା ଏବେସୁଦ୍ଧା ପାଣିର ଗାର ପାଲଟିଛି।



**ହର ବଣିଆ, ଚାଷୀନେତା, ବରଗଡ଼**

### କେନ୍ଦ୍ର ସରକାରଙ୍କ ଲଲିପପ୍

“ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ଯେଭଳି ହୁ ହୁ ବଢ଼ି ଚାଲିଛି, ସେଥିରେ ଚାଷୀଙ୍କ ସମେତ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ପଡ଼ିଛି। ସେଭଳି ଦରଦାମ ବୃଦ୍ଧି ଅନୁପାତରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯିବା କଥା। ହେଲେ ଧାନ ମୂଲ୍ୟ କୁଇଣ୍ଟାଲ ପ୍ରତି ମାତ୍ର ଶହେ ଟଙ୍କା ବୃଦ୍ଧି ଚାଷୀଙ୍କୁ ଲଲିପପ୍ ସଦୃଶ। ଧାନ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା କରିବାକୁ ୨୦୧୭ରୁ ବିଧାନସଭାରେ ସର୍ବଦଳୀୟ ପ୍ରସ୍ତାବ ପାରିତ ହୋଇଥିଲା ଏବଂ କେନ୍ଦ୍ର ସରକାରକୁ ଅବଗତ କରାଯାଇଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସେଭଳି ହେଉ।



**ମହାଦେବ ମହାପାତ୍ର, ଚାଷୀ, କଳାପାଣି**